ସାପ୍ତାହିକ ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.27 | Issue - 25 | 18 - 24 June 2023 | Sambalpur | Page- 8 | Invitation Price Rs.10

# ୧୬୦୭ କୋଟିର ବରଗଡ଼ ଇଥାନଲ ପ୍ଲାଣ୍ଟ ଓଡ଼ିଶାର କୃଷି ଆଧାରିତ ଶିଳ୍ପକୁ ତ୍ୱରାନ୍ୱିତ କରିବ - ଧର୍ମେନ୍ଦ୍ର ପ୍ରଧାନ

ବରଗଡ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯ ବର୍ଷର ସୁଶାସନ ଓ ସେବାର ପୂର୍ତ୍ତି ଅବସରରେ 'ବିକାଶ ତୀର୍ଥ ଯାତ୍ରା' ଅନ୍ତର୍ଗତ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବରଗଡ ସ୍ଥିତ ବିପିସିଏଲର ନିର୍ମାଣାଧୀନ ୧ଜି ଜୈବ ଇଥାନଲ ପ୍ଲାଣ୍ଟ ଓ ୨ଜି ଜୈବ ଇଥାନଲ ପ୍ଲାଣ୍ଟ ପରିଦର୍ଶନ କରିବା ସହ ଜିଲ୍ଲା ପ୍ରଶାସନ ଓ ପ୍ରକଳ୍ପ ଅଧିକାରୀଙ୍କ ସହ ଅଗ୍ରଗତି କାର୍ଯ୍ୟର ସମୀକ୍ଷା କରିଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟ କଳ୍ପନାରେ ପ୍ରାୟ ୧୬୦୭ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା ହେଉଥିବା ଏହି ଇଥାନଲ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେଲେ ଓଡ଼ିଶାର କୃଷି ଆଧାରିତ ଶିଳ୍ପକୁ ତ୍ୱରାନ୍ୱିତ କରିବ । ମୋଟ ପ୍ରାୟ ୭୦ ଏକର ପରିମିତ ଜମିରେ ପ୍ରତିଷ୍ଠା ହେଉଥିବା ଏହି ପ୍ଲାଣ୍ଟ ଦୈନିକ ୨୦୦ କିଲୋ ଲିଟର ଇଥାନଲ ଉତ୍ପାଦନ କରିବ । ୱେଷ୍ଟ ଟୁ ୱେଲଥକୁ ପ୍ରୋତ୍ସାହନ ଦେବ ତଥା ଏହି ପ୍ଲାଣ୍ଟ୍ ନଡା, ବଳକା ଓ ଖରାପ ହୋଇଯାଇଥିବା ଚାଉଳରୁ ଇଥାନଲ ପ୍ରସ୍ତୁତ କରିବ । ବରଗଡ଼, ସମ୍ବଲପୁର, ସୋନପୁର ଓ ବଲାଙ୍ଗୀର ସମେତ ଆଖପାଖ ଅଞ୍ଚଳର ଚାଷୀଙ୍କ ଆୟକୁ ବୃଦ୍ଧି କରିବାରେ ସହାୟକ ହେବ । ସ୍ଥାନୀୟ ଅଞ୍ଚଳରେ



ରୋଜଗାର ଏବଂ ସ୍ୱରୋଜଗାରର ସୁଯୋଗ ସୃଷ୍ଟି ହେବ । ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ଏହି ପ୍ଲାଣ୍ଟ ସବୁଜ ଇନ୍ଧନକୁ ପ୍ରୋତ୍ସାହନ ଦେବ ।

ଶ୍ରୀ ପ୍ରଧାନ କହିଥିଲେ ଯେ, କେବଳ ବଗରଡ ନୁହେଁ ପଡ଼ୋଶୀ ଛତିଶଗଡ଼ ଓ ପଶ୍ଚିମବଙ୍ଗ ସହ ସୋନପୁରରେ ନୂଆ ଇଥାନଲ ପ୍ଲାଣ୍ଟ ସ୍ଥାପନ କରାଯିବ । ଏଥିପାଇଁ ଇଥାନଲ ଇଞ୍ଜିନିୟରିଂ, ଅର୍ଥନୀତି ଏବଂ ପ୍ରଯୁକ୍ତି ବିଦ୍ୟାକୁ ଧ୍ୟାନରେ ରଖି ନୂତନ ଦକ୍ଷତା ଥିବା ମାନବ ସମ୍ବଳ ସୃଷ୍ଟି କରିବାକୁ ଜିଲ୍ଲା ପ୍ରଶାସନ ଏବଂ ପ୍ରକଳ୍ପ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ । ଏହା ଦ୍ୱାରା ଏହି ଅଞ୍ଚଳର ଯୁବକଯୁବତୀଙ୍କୁ ନୂଆ ନିଯୁକ୍ତି ସୁଯୋଗ ମିଳିବ ବୋଲି ସେ କହିଛନ୍ତି । ସେହିପରି ଶ୍ରୀ ପ୍ରଧାନ ଏହି ପ୍ରକଳ୍ପ ପାଇଁ ଦକ୍ଷ ମାନବ ସମ୍ବଳ ପ୍ରସ୍ତୁତ କରିବା ନିମନ୍ତେ ଆଞ୍ଚଳିକ ସରକାରୀ ଆଇଟି-ଆଇ ଅନୁଷ୍ଠାନରେ ଟେକ୍ନୋଲୋଜି ନୂଆ ଦକ୍ଷତା ପାଠ୍ୟକ୍ରମ ଓ ମଡ୍ୟୁଲ୍ ପ୍ରସ୍ତୁତ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ ।

କେନ୍ଦ୍ରମନ୍ତ୍ରୀ ଆହୁରି କହିଥିଲେ ଯେ ବରଗଡ଼ ଜିଲ୍ଲା ଏକ କୃଷିଭିତ୍ତିକ ଅଞ୍ଚଳ । ଧାନ ଓ ଚାଉଳ ଏ ଜିଲ୍ଲାର ଅର୍ଥନୀତି ମୂଳ ଆଧାର । ଏହାକୁ ଧ୍ୟାନରେ ରଖି ମୋଦି ସରକାର ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି । ବଳକା ଓ ଖରାପ ଚାଉଳରୁ ଇଥାନଲ ପ୍ରସ୍ତୁତ ହୋଇ ପେଟ୍ରୋଲ ଓ ଡିଜେଲରେ ମିଶାଇଲେ ପରିବେଶ ପ୍ରଦୂଷଣ କମିବ ଏବଂ ଚାଷୀ ମାନଙ୍କ ପାଇଁ ଅର୍ଥନୀତିଙ୍କ ସବଳ କରିବ । ଏହାକୁ ଧ୍ୟାନରେ ରଖି ଗତ ୯ ବର୍ଷରେ ଚିନି ଶିଳ୍ପର ପୁନଉଦ୍ଧାର ପାଇଁ ଆଖୁଛେଦାରୁ ଇଥାନଲ ବାହାର କରି ପେଟ୍ରୋଲିୟମ ପ୍ରଡକ୍ଟର ୧୦ ପ୍ରତିଶତର ଲକ୍ଷ୍ୟ ବହୁତ ପୂର୍ବରୁ ପୂରଣ ହୋଇଛି । ଏବେ ଏହାକୁ ୨୦ ପ୍ରତିଶତ କରିବା ପାଇଁ ଭାରତ ସରକାରଙ୍କ ଲକ୍ଷ୍ୟ ରହିଛି । ଏହି ପ୍ଲାଣ୍ଟ ପଶ୍ଚିମ ଓଡ଼ିଶାର ନୂଆ ଅଧ୍ୟାୟ ସହ ଯୋଡି ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଉଲ୍ଲେଖନୀୟ ଯେ ୧୦ ଅକ୍ଟୋବର ୨୦୧୮ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପେଟ୍ରୋଲିମ ମନ୍ତ୍ରୀ ଥିବା ସମୟରେ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ତାଙ୍କର ଦାୟିତ୍ୱରେ ଏହି ପ୍ଲାଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ରାଜ୍ୟପାଳ ଏହି କାରଖାନାର ଶିଳାନ୍ୟାସ କରିଥିଲେ ।

## ଶକ୍ତିକାନ୍ତଙ୍କୁ 'ଗଭର୍ଣ୍ଣର ଅଫ୍ ଦ ଇୟର' ପୁରସ୍କାର

ନୂଆଦିଲ୍ଲୀ: ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କୁ 'ଗଭର୍ଣ୍ଣର ଅଫ ଦ ଇୟର' ସମ୍ମାନରେ ସମ୍ମାନିତ କରାଯାଇଛି । 'ସେଣ୍ଟ୍ରାଲ ବ୍ୟାଙ୍କିଙ୍ଗ୍ ଲଣ୍ଡନ



ଦ୍ୱାରା ତାଙ୍କୁ ଗଭର୍ଣ୍ଣର ଅଫ୍ ଦ ଇୟର ଭାବେ ବିବେଚିତ କରାଯାଇଛି । ୨୦୧୮ ଡିସେମ୍ବର ୧୧ ରେ ଭାରତର ୨୫ତମ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଭାବେ ନିଯୁକ୍ତ ହୋଇଥିଲେ ଶକ୍ତିକାନ୍ତ ଦାସ । ଏହି ସମ୍ମାନ ହାସଲ କରିବାରେ ଶକ୍ତିକାନ୍ତ ହେଉଛନ୍ତି ପ୍ରଥମ ଓଡ଼ିଆ । ମୁଦ୍ରାସ୍ଫୀତିର ପରିଚାଳନା ଏବଂ କୋଭିଡ ମହାମାରୀ ପରି ସଙ୍କଟ ସମୟରେ ଭାରତର ବ୍ୟାଙ୍କିଙ୍ଗ ବ୍ୟବସ୍ଥାର ଦକ୍ଷ ପରିଚାଳନା ପାଇଁ ସେଣ୍ଟ୍ରାଲ ବ୍ୟାଙ୍କ ଶ୍ରୀ ଦାସଙ୍କୁ ପ୍ରଦାନ ଏହି ପୁରସ୍କାର ଦେଇଛି ।

## ପି.ଆର ହାଇସ୍କୁଲ ଇନଡୋର ଷ୍ଟାଡିୟମ ଉଦ୍‌ଘାଟନ କଲେ ଧର୍ମେନ୍ଦ୍ର ପ୍ରଧାନ



ବଲାଙ୍ଗୀର : ବଲାଙ୍ଗୀର ସହରରେ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ 'ପୃଥ୍ୱୀରାଜ ହାଇସ୍କୁଲ ଇନଡୋର୍ ଷ୍ଟାଡିୟମ' ରାଜ୍ୟରେ କ୍ରୀଡା ଭିତ୍ତିଭୂମିକୁ ମଜବୁତ୍ କରିବାରେ ସହାୟକ ହେବ ବୋଲି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ରାଷ୍ଟ୍ରାୟତ୍ତ ତୈଳ ଉଦ୍ୟୋଗ ଗେଲ୍ ଇଣ୍ଡିଆର ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମ ଅଧୀନରେ ୯ କୋଟି ୯୦ ଲକ୍ଷ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଷ୍ଟାଡିୟମର ଉଦଘାଟନ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ କହିଥିଲେ ଯେ, ଖେଳ ଜଣେ ବ୍ୟକ୍ତିର ସାମଗ୍ରିକ ବିକାଶକୁ ବର୍ଦ୍ଧିତ କରେ । ଏହି ଷ୍ଟାଡିୟମ କ୍ରୀଡ଼ା କ୍ଷେତ୍ରରେ ବଲାଙ୍ଗୀରର ସ୍କୁଲ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବ୍ୟକ୍ତିତ୍ୱକୁ ବିକଶିତ କରିବାରେ ସହାୟକ ହେବ । ପିଲାଙ୍କୁ ଶାରୀରିକ ରୂପେ ସୁସ୍ଥ ରଖିବା ପାଇଁ ଜାତୀୟ ଶିକ୍ଷା ନୀତିରେ ପାଠପଢା ସହ ଖେଳକୁ ପ୍ରାଥମିକତା ଦିଆଯାଇଛି । ଅନ୍ୟାନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ ସାଂସଦ ସଂଗୀତା ସିଂ ଦେଓ, ବିଧାୟକ ନରସିଂହ ମିଶ୍ର, ବିଧାୟକ ଡକ୍ଟର ମୁକେଶ ମହାଲିଙ୍ଗ ଓ ବିଜେପି ନେତା ଶ୍ରୀ କନକ ବର୍ଦ୍ଧନ ସିଂଦେଓ ପ୍ରମୁଖ ଯୋଗ ଦେଇଥିଲେ ।

## ବିଶ୍ୱାତ୍ମ ଚେତନା ପରିଷଦ ପାଇବ ଭଞ୍ଜ ଭାରତୀ ସାଂସ୍କୃତିକ ସମ୍ମାନ

ଭୁବନେଶ୍ୱର : ଶ୍ରୀ ଜଗନ୍ନାଥ ଚେତନାର ପ୍ରଚାର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବଲାଙ୍ଗୀରର ବିଶ୍ୱାତ୍ମ ଚେତନା ପରିଷଦ 'ଭଞ୍ଜ ଭାରତୀ ସାଂସ୍କୃତିକ ସମ୍ମାନ ୨୦୨୩' ପାଇବାକୁ ମନୋନୀତ ହୋଇଛି । ଆସନ୍ତା ୨୨ ତାରିଖ ଦିନ ଭୁବନେଶ୍ୱରର ଜୟଦେବ ଭବନ ଠାରେ ଆୟୋଜିତ ହେବାକୁ ଥିବା ଶ୍ରୀ ଜଗନ୍ନାଥ ଚେତନା ଆଧାରିତ 'ସ୍ୱତନ୍ତ୍ର- ଭକ୍ତି - ସତ୍ତ୍ୱ' ଲିଳାମୟ ନିଳାଦ୍ରୀଶ' ଅବସରରେ ଏହି ସମ୍ମାନ ପ୍ରଦାନ କରାଯିବ । ଏହି ଅବସରରେ ଆୟୋଜିତ ସଭାରେ ଆଧାତ୍ମିକ ଗୁରୁ ତଥା ବିଶ୍ୱାତ୍ମ ଚେତନା ପରିଷଦର




ପ୍ରତିଷ୍ଠାତା ପରମହଂସ ସ୍ୱାମୀ ଶ୍ରୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ, 'ସମାଜ'ର ସମ୍ପାଦକ ନିରଞ୍ଜନ ରଥ, ଓଡ଼ିଶା ବିଧାନସଭାର ସଚିବ ଦାଶରଥି ଶତପଥି ଅତିଥି ରୂପେ ଯୋଗଦେବେ ବୋଲି ଭଞ୍ଜ ଭାରତୀର ସଭାପତି ନିଳାଦ୍ରୀ ମୋହନ ଶତପଥି ଓ ସଂପାଦକ ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ ଜଣାଇଛନ୍ତି ।






## ଏ ସଂଖ୍ୟାରେ..



ରକ୍ତ ସଞ୍ଚାଳନକୁ ସନ୍ତୁଳିତ ରଖେ କଲରା



ଉପକାରୀ ତରଭୁଜ ମଞ୍ଜି



କର୍କଟରୁ ରକ୍ଷା କରିବ କଦଳୀ ପତ୍ର



ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ମାଠିଆପାଣି



ଲିଭର ପାଇଁ ଭଲ ଲାଉରସ



ଖଜୁରୀର ଉପକାରିତା

# ଭୁବନେଶ୍ୱରରେ ରାଷ୍ଟ୍ରୀୟ ରୋଜଗାର ମେଳାର ଷଷ୍ଠ ପର୍ଯ୍ୟାୟ ଶୁଭାରମ୍ଭ କଲେ ଧର୍ମେନ୍ଦ୍ର ପ୍ରଧାନ






ଭୁବନେଶ୍ୱର: କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଷ୍ଟ୍ରୀୟ ରୋଜଗାର ମେଳା'ର ଷଷ୍ଠ ପର୍ଯ୍ୟାୟ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ୩୦୩ ଜଣ ଯୁବକ ଯୁବତୀଙ୍କୁ ନିଯୁକ୍ତି ପତ୍ର ବିତରଣ କରିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ କହିଥିଲେ ଯେ, ସରକାରୀ ଚାକିରୀର ନିଜସ୍ୱ ମାନ, ମର୍ଯ୍ୟାଦା ଓ ଦାୟିତ୍ୱ ଅଛି । ଆଜି ସରକାରୀ ଚାକିରୀ କେବଳ ଆର୍ଥିକ ଦୃଷ୍ଟିରୁ ନୁହେଁ, ସାମାଜିକ ଦୃଷ୍ଟିରୁ ମଧ ମର୍ଯ୍ୟାଦାଜନକ ହୋଇଛି । ସମାଜର ସାମୂହିକ ପ୍ରୟାସ ବଳରେ ଆଜି ନବନିଯୁକ୍ତ ଯୁବସାଥୀମାନେ ସେହି ମର୍ଯ୍ୟାଦାର ଅଧିକାରୀ ହେଲେ ଓ ତାଙ୍କ ଦାୟିତ୍ୱ ମଧ ବଢ଼ିଲା । ସେମାନେ ନିଜ ନିଜ ପଦବୀରେ ରହି ସାମାଜିକ ଓ ଲୋକମାନଙ୍କ କଲ୍ୟାଣକୁ ପ୍ରାଥମିକତା ଦେବା ଦରକାର । ସେହିପରି ଦେଶକୁ ଆଗକୁ ନେବା ପାଇଁ ଭାବିବା ସହ ଓଡ଼ିଶାରେ ନିଯୁକ୍ତି ପାଉଥିବା ଯୁବବର୍ଗଙ୍କୁ ଓଡ଼ିଆ ଭାଷା ଶିଖିବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଥିଲେ । ସେ କହିଥିଲେ ଯେ, ଓଡ଼ିଆ ବହୁତ ଭଲ ଭାଷା । ମଧୁର ଭାଷା । ଅନ୍ତତଃ ଏହାକୁ ଓଡ଼ିଶାରେ ନିଯୁକ୍ତ ପାଉଥିବା ଯୁବକ ଯୁବତୀମାନେ ଓଡ଼ିଆ ଶିଖି ନୂଆ ଭାଷା ଶିଖିଲେ ବୋଲି ଜାଣିବେ । ଶ୍ରୀ ପ୍ରଧାନ କହିଥିଲେ ଯେ, ଦେଶରେ ଯୁବକ ଯୁବତୀଙ୍କୁ ଆତ୍ମନିର୍ଭର କରିବା ପାଇଁ, ନିଜେ ସ୍ୱାଭିମାନ ସହ ଆଗକୁ ବଢ଼ିବା ପାଇଁ ଭାରତ ସରକାରଙ୍କ ରୋଜଗାର ମାଧମରେ ଅଭିନବ ପ୍ରୟାସ କରିଛନ୍ତି । ଏହାସହ କେବଳ ପ୍ରତ୍ୟକ୍ଷ ନିଯୁକ୍ତି ନୁହେଁ ବରଂ ବିଭିନ୍ନ କ୍ଷେତ୍ରରେ ଭିତ୍ତିଭୂମିକୁ ମଜବୁତ୍ କରିବା ପାଇଁ ୧୦ ଲକ୍ଷ କୋଟି ଟଙ୍କାର ବିକାଶର କାମ କରୁଛନ୍ତି ମୋଦି ସରକାର । ଆଜି ଆମ ଓଡ଼ିଆ ଝିଅ, ଭାରତର ଗୌରବ ମାନ୍ୟବର ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ସୁରିନାମର ସର୍ବୋଚ୍ଚ ନାଗରିକ ସମ୍ମାନରେ ସମ୍ମାନିତ କରାଯାଉଛି । ପାପୁଆ ନ୍ୟୁ ଗିନି ଗସ୍ତ କାଳରେ ସେଠାକାର ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ମୋଦିଙ୍କ ପାଦ ଛୁଇଁ ସ୍ୱାଗତ କରୁଛନ୍ତି । ଏହା କେବଳ ଆମ ଦେଶର ମାନ୍ୟବର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ସମ୍ମାନ ଜଣାଇବାର ଆବେଗ ନ ଥିଲା ବରଂ ଏହା ଥିଲା ୧୪୦ କୋଟି ଭାରତୀୟଙ୍କ ସମ୍ମାନ, ଯାହାକୁ ବିଶ୍ୱ ଦେଖିଲା । ଏକ ଦୃଢ଼, ଦକ୍ଷ ଓ ଓଜସ୍ୱୀ ନେତୃତ୍ୱରେ ଭାରତର ସମ୍ମାନ ଆଜି ବିଶ୍ୱର କୋଣ ଅନୁକୋଣରେ ବୃଦ୍ଧି ପାଉଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ ।

# ସମ୍ବଲପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସମ୍ବଳ' ସମ୍ମାନିତ

ସମ୍ବଲପୁର : ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସମ୍ବଳ' ରକ୍ତଦାନ ଓ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବାରୁ ରେଡ଼କ୍ରସର ସମ୍ବଲପୁର ଶାଖା ପକ୍ଷରୁ ସମ୍ମାନିତ ହୋଇଛି । ବିଶ୍ୱ ରକ୍ତଦାତା ଦିବସ ଅବସରରେ ଆୟୋଜିତ ଉତ୍ସବରେ ଜିଲ୍ଲାପାଳ ଶ୍ରୀମତୀ ଅନନ୍ୟା ଦାସଙ୍କ ଠାରୁ ଅନୁଷ୍ଠାନର ଶ୍ରୀ ରାମଦାସ ପଣ୍ଡା ଓ ସୁବ୍ରତ ପଣ୍ଡା ଏହି ସମ୍ମାନ ଗ୍ରହଣ କରିଥିଲେ । ସେହିପରି ଗୁଲୁଣ୍ଡା ଠାରେ ଆୟୋଜିତ ଶିବରାମ ମହୋତ୍ସବରେ ମଧ 'ସମ୍ବଳ' ତାର ସମାଜ ସେବା ପାଇଁ ସମ୍ମାନିତ ହୋଇଛି । ରେଙ୍ଗାଲି ବିଧାୟକ ଶ୍ରୀ ନାଉରୀ ନାୟକଙ୍କ ଠାରୁ ଶ୍ରୀ ରାମଦାସ ପଣ୍ଡା ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଏହି ସମ୍ମାନ ଗ୍ରହଣ କରିଥିଲେ ।






# ଆସୁରୀ ବୃତ୍ତିର ଲୋକେ ଜୀବନକୁ ନରକ କରି ଦିଅନ୍ତି

**ଆ**ସୁରୀ ବୃତ୍ତି ଯୁକ୍ତ ମନୁଷ୍ୟ କହେ- ସେହି ଶତ୍ରୁ ତ ମୋ ଦ୍ୱାରା ମରାଗଲା ଏବଂ ଅବଶିଷ୍ଟ ଶତ୍ରୁମାନଙ୍କୁ ମଧ ମୁଁ ମାରିଦେବି । ମୁଁ ଈଶ୍ୱରଙ୍କ ସଦୃଶ ସର୍ବସମର୍ଥ । ମୁଁ ଭୋଗଗୁଡ଼ିକୁ ଭୋଗିବା ବାଲା ଅଟେ । ମୁଁ ସିଦ୍ଧ, ମୁଁ ବଡ଼ ବଳବାନ୍ ଓ ସୁଖୀ । ଶ୍ରୀଭଗବାନ କହିଛନ୍ତି ଯେ ଏହି ଭାଷା ଆସୁରୀ ବୃତ୍ତି ଯୁକ୍ତ ଅହଂକାରୀ ବ୍ୟକ୍ତିମାନଙ୍କର ଭାଷା ଅଟେ । ଏପରି ବ୍ୟକ୍ତିମାନେ କାମୀ ଓ କ୍ରୋଧୀ ହୋଇଥାନ୍ତି । ଈଶ୍ୱରଙ୍କ ଉପରେ ତଥା ପ୍ରକୃତିର କର୍ମଫଳ ବିଧାନରେ ସେମାନଙ୍କର ଟିକିଏ ବି ଭରସା ନ ଥାଏ । ଏପରି ବ୍ୟକ୍ତିମାନଙ୍କ ଭିତରେ ଦୁଇ ପ୍ରକାରର ମିଥ୍ୟା ବିଶ୍ୱାସ ଉତ୍ପନ୍ନ ହୋଇଥାଏ, ଏହା ସ୍ୱାଭାବିକ । ଏକରେ ତ ସେମାନେ ନିଜକୁ ହିଁ ଈଶ୍ୱର ବୁଝିବାକୁ ଲାଗନ୍ତି, ଯେମିତି ହିରଣ୍ୟକଶିପୁ ନିଜକୁ ହିଁ ନାରାୟଣ ବୋଲି ଭାବି ବସିଥିଲା । ଦ୍ୱିତୀୟରେ ସେମାନଙ୍କୁ ପ୍ରତ୍ୟେକ ବ୍ୟକ୍ତି ନିଜର ଶତ୍ରୁ ବୋଲି ମନେହୁଏ । କାରଣ ସେମାନଙ୍କ କାମନା ଅପରିମିତ ହୋଇଥାଏ ଏବଂ ଯିଏ ସେମାନଙ୍କ କାମନା ପଥରେ ବାଧା ସାଜି ଠିଆହୁଏ, ତାକୁ ସେମାନେ ନିଜର ବିରୋଧୀ ଭଳି ଲାଗନ୍ତି । ଏଥିପାଇଁ ସେମାନେ ଅହଂକାରରେ ଉନ୍ମତ୍ତ ହୋଇ ନିଜକୁ ସର୍ବସମର୍ଥ, ସିଦ୍ଧ, ବଳବାନ୍ ବୁଝିଥାନ୍ତି, ଯଦ୍ୟପି ସତ୍ୟ ଏହାର ବିଲକୁଲ ବିପରୀତ ହୋଇଥାଏ ।

ଭଗବାନ ଶ୍ରୀକୃଷ୍ଣ ଏହା ମଧ କହିଛନ୍ତି ଯେ ଏପରି ପ୍ରବୃତ୍ତିର ଲୋକେ ନିଜକୁ ସୁଖୀ ଭାବିଥାନ୍ତି ଅର୍ଥାତ୍ ସେମାନେ ସୁଖୀ ହୋଇ ନ ଥାନ୍ତି, ଅଥଚ ନିଜକୁ ସେହି ଭଳି ବୁଝିଥାନ୍ତି । ଶ୍ରୀଭଗବାନ କହୁଛନ୍ତି ଯେ ଏପରି ବୃତ୍ତିର ମନୁଷ୍ୟ ସର୍ବଦା ଭାବିଥାଏ ଯେ ସେଇ ଶତ୍ରୁ ମୋ ଦ୍ୱାରା ମରାଗଲା ଆଉ ଅନ୍ୟ ଶତ୍ରୁମାନଙ୍କୁ ମଧ ମୁଁ ମାରିଦେବି । ଆସୁରୀ ବୃତ୍ତିର ମନୁଷ୍ୟଙ୍କ ମଧରେ ଅନ୍ୟମାନଙ୍କୁ ନଷ୍ଟ କରିବାର ତୀବ୍ର ଲାଳସା ଥାଏ କାରଣ ସେମାନଙ୍କୁ ସମସ୍ତେ ନିଜର ପ୍ରତିସ୍ପର୍ଦ୍ଧୀ, ସମସ୍ତେ ନିଜର ଶତ୍ରୁ ଭଳି ଦେଖାଯାଇଥାନ୍ତି । ଆସୁରୀ ବୃଷ୍ଟି ଯୁକ୍ତ ମନୁଷ୍ୟମାନେ ଏହି ପ୍ରକାର ଭ୍ରାନ୍ତି, ଏହି ପ୍ରକାର ଭ୍ରମରେ ନିଜର ଜୀବନ ଓ ଅନ୍ୟମାନଙ୍କର ଜୀବନ ନଷ୍ଟ କରିବାର ଦେଖା ଯାଇଥାନ୍ତି ।

ମୁଁ ଧନବାନ୍, ବହୁତ ଲୋକ ମୋ ପାଖରେ ଅଛନ୍ତି, ମୋ ସମାନ ଅନ୍ୟ କିଏ ଅଛି, ମୁଁ ବେଶୀ ଯଜ୍ଞ କରିବି, ଦାନ ଦେବି ଏବଂ ଆମୋଦ କରିବି, ଏହି ପ୍ରକାର ଅଜ୍ଞାନ ଦ୍ୱାରା ମୋହିତ ରହୁଥିବା ତଥା ବିଭିନ୍ନ ପ୍ରକାରର ଭ୍ରମିତ ଚିତ୍ତଯୁକ୍ତ ବ୍ୟକ୍ତି, ମୋହ ଜାଲରେ ଭଲ ଭାବେ ଫଁସିଥାଏ ତଥା ପଦାର୍ଥ ଓ ଭୋଗଗୁଡ଼ିକ ପ୍ରତି ଅତ୍ୟନ୍ତ ଆସକ୍ତ ରହୁଥିବା ମନୁଷ୍ୟ ଭୟଙ୍କର ନରକରେ ପଡ଼ିଥାଏ । ଅହଂକାରର ଭାଷା, ଆସୁରୀ ପ୍ରବୃତ୍ତିଯୁକ୍ତ ମନୁଷ୍ୟର ଭାଷା ହୋଇଥାଏ ।

ସେପରି ଲୋକ ନିଜକୁ ସର୍ବସମର୍ଥ, ସିଦ୍ଧ, ବଳବାନ୍ ତଥା ସୁଖୀ ମାନିଥାଏ । ଏପରି ମନୁଷ୍ୟକୁ ହିଁ ଅଭିମାନ ହୋଇଯାଏ ଯେ ଧନବଳ ତଥା ଜନବଳରେ ତା'ର ସମକକ୍ଷ ଆଉ କେହି ନାହିଁ । ସେ ଏହା ମଧ ଭାବେ ଯେ ତା' ଧନର, ତା'ର ଅନୁଯାୟୀମାନଙ୍କର, ତା'ର ସହଯୋଗୀମାଙ୍କର, କୌଣସି ଅନ୍ତ ନାହିଁ ଏବଂ ତା'ର ଗୋଟିଏ ଡାକରେ ଅନେକ ଲୋକ ତା' ପଛେ ପଛେ ଚାଲିବା ପାଇଁ ପ୍ରସ୍ତୁତ ହୋଇଯିବେ । ରାବଣ ଠାରୁ ନେଇ ଆଲେକ୍‌ଜାଣ୍ଡାର, ଦୁର୍ଯ୍ୟୋଧନ ଠାରୁ ନେଇ ତୈମୂରଲଙ୍ଗଙ୍କୁ ମଧ ଏହି ପ୍ରକାରର ଅହଂକାର ତଥା ଅଭିମାନ ହୋଇଥିଲା ଯେ ସେ ହିଁ ସର୍ବେସର୍ବା ।

ଏପରି ଲୋକେ ଭାବନ୍ତି ଯେ ଶୁଭକର୍ମ କରିବା ପାଇଁ ନିଜେ ନିଜକୁ ବଦଳାଇବାର ଅଥବା ଆତ୍ମପରିଷ୍କାର କରିବାର କୌଣସି ଆବଶ୍ୟକତା ନାହିଁ । ଯଜ୍ଞ କରିବା ଓ ଦାନ ଦେବା ଦ୍ୱାରା ହିଁ ସେମାନଙ୍କ ଦାୟିତ୍ୱ ପୂର୍ଣ୍ଣ ହୋଇଯିବ । ପୁଣି ଯଜ୍ଞ କରିବା ଏବଂ ଦାନ ଦେବା ମଧ ସେମାନଙ୍କ ପାଇଁ ବ୍ୟକ୍ତିତ୍ୱ ପରିଷ୍କାରର ମାର୍ଗ ନ ହୋଇ ଅହଂକାର ପୂର୍ତ୍ତିର ମାଧମ ହୋଇଯାଏ । ସେମାନଙ୍କୁ ଅନୁଭବ ହେବାରେ ଲାଗେ ଯେ ଆମେ ଯଜ୍ଞ କରିନେଲୁ, ଦାନ ଦେଇଦେଲୁ ଏବେ ତ ଆମେ ମଉଜ ହିଁ ମଉଜ କରିବୁ; କାରଣ ଆମେ ପୃଥିବୀ ପର୍ଯ୍ୟନ୍ତ ଲୋକଗୁଡିକରେ ମଧ ଏବେ ସୁଖ ହିଁ ସୁଖ ଭୋଗ କରିବୁ ।

ଏହାର କାରଣ ଦର୍ଶାଇ ଶ୍ରୀ ଭଗବାନ କହିଛନ୍ତି ଯେ ସେମାନଙ୍କ ଚିତ୍ତ ଅହଂକାରରେ, ଅଜ୍ଞାନରେ ଆବୃତ ରହିଥାଏ ଏବଂ ଅଶୁଦ୍ଧ ଚିତ୍ତ କାରଣରୁ ସେମାନେ ମାୟା-ମୋହ ପରି ପାଶରେ ବାନ୍ଧି ହୋଇଥାନ୍ତି, ଯାହା ସେମାନଙ୍କୁ ଅନ୍ଧକାରମୟ ନରକ ପର୍ଯ୍ୟନ୍ତ ନେଇ ପହଞ୍ଚାଇ ଦିଏ । ଦେଖିବାକୁ ଗଲେ ଆସୁରୀ ବୃତ୍ତି ଯୁକ୍ତ ମନୁଷ୍ୟର ଚେତନା ବିଧ୍ୱଂସକ ହୋଇଥାଏ । ସେ ଈଶ୍ୱରଙ୍କୁ ମାନେ ନାହିଁ, ପ୍ରକୃତିର କର୍ମବିଧାନକୁ ବି ମାନି ନ ଥାଏ, କିନ୍ତୁ ଯଜ୍ଞ କରିବା ଆଉ ଦାନ ଦେବାର ଦମ୍ଭକୁ ମଧ ଛାଡ଼ିବାକୁ ଚାହିଁ ନ ଥାଏ ।

ଏହା ଏଥିପାଇଁ ଯେ ତା'ର ଚେତନା କେବଳ କପଟ କରିବା, ଅହଂକାର କରିବା, ଆଡ଼ମ୍ବର କରିବା ଜାଣିଥାଏ । ତେଣୁ ସେ ସୁଖୀ ହୋଇ ନଥାଏ, ପରନ୍ତୁ ସୁଖୀ ହେବାର ଆଡ଼ମ୍ବର ହିଁ କରିଥାଏ । ନିଜର ଦୀନତାକୁ ଲୁଚାଇ, ନିଜ ବ୍ୟକ୍ତିତ୍ୱର ହୀନତାକୁ ଲୁଚାଇ ନିଜକୁ ଐଶ୍ୱର୍ଯ୍ୟବାନ୍, ଶକ୍ତିଶାଳୀ, ଭୋଗଗୁଡ଼ିକୁ ଭୋଗ କରିବା ବାଲା ବୁଝିଥାଏ । ପୁଣି ଏପରି କରିବା ବେଳେ ତା'ର ମନେହୁଏ ଯେ କୁପଥରେ ଯାଉଥିବା ଯୋଗୁଁ ତା'ର ଅନ୍ତରାତ୍ମା ତାକୁ ଝିଙ୍ଗାସୁଛି, ତଥାପି ସେ କହିଥାଏ । ବିଚାର କରିଥାଏ ଯେ ମୁଁ ଯଜ୍ଞ କରିବି, ଦାନ ଦେବି । ଏହା ଏଥିପାଇଁ କରିବାକୁ ଚାହିଁଥାଏ, ଯଦ୍ୱାରା ସେ ଖରାପ ଲୋକ ନୁହେଁ ବୋଲି ନିଜ ମନକୁ, ନିଜର ଅନ୍ତରାତ୍ମାକୁ ଧୋକା ଦେଇ ପାରିବ ।

ସମଗ୍ର ଦୁନିଆ ସାମନାରେ ସେ ଏହି ଆଡ଼ମ୍ବର କରିବାକୁ ଚାହିଁଥାଏ ଯେ ମୁଁ ବଡ଼ ଧର୍ମାତ୍ମା, ସତ୍‌ପଥରେ ଚାଲୁଛି, ଯଜ୍ଞ- ଦାନ କରୁଛି, ଯଦ୍ୟପି ତା'ର ପ୍ରବୃତ୍ତି ଓ ଚେତନା ଓ ବିକୃତ ଓ ବିଧ୍ୱଂସକାରୀ ହୋଇଥାଏ । ଯେଉଁ ଲୋକମାନେ ଖରାପ ରାସ୍ତାରେ ଚାଲନ୍ତି, ସେମାନେ ଏହି ପ୍ରକାରର କୁତର୍କଗୁଡ଼ିକ ଦ୍ୱାରା ନିଜର ଅନ୍ତରାତ୍ମାକୁ ଚୁପ୍ କରିବାର ଚେଷ୍ଟା କରିଥାନ୍ତି । ଚୋରି କରିବାକୁ ଯାଉଥିବା ବ୍ୟକ୍ତି ବୁଝିଥାଏ ଯେ ମୁଁ ଚୋରି କରୁ ନାହିଁ, ମୁଁ ତ ଧନୀକୁ ମିଳିଥିବା ଧନ ନେଇ ଗରିବମାନଙ୍କୁ ବାଣ୍ଟିଦେବି । ଏହି ପ୍ରକାର ସେ ନିଜକୁ ପ୍ରମାଣିତ କରିବାକୁ ଚେଷ୍ଟା କରିଥାଏ ଯେ ସେ ଯାହା କରୁଛି, ତାହା ବଡ଼ ଧାର୍ମିକ କୃତ୍ୟ ଅଟେ ।

ଏହା ହିଁ ହେଉଛି ଆଜିର ଯୁଗର ସମସ୍ୟା, ଆଜି ଯେଉଁମାନେ ଅଧର୍ମ କରନ୍ତି, ସେମାନେ ମଧ ଧର୍ମର ନାମକୁ ନେଇ ହିଁ କରିଥାନ୍ତି । ଆଜି ଯେଉଁମାନେ ଅନୀତି କରନ୍ତି, ସେମାନେ ମଧ ନୀତିର ଦୁହାଇ ଦେଇଥାନ୍ତି, ତେଣୁ ଧାର୍ମିକ ସ୍ଥଳରେ ଅଧର୍ମ ଘଟିଥାଏ, ବିଦ୍ୟାର ମନ୍ଦିରରେ ଉପଦ୍ରବ ହୋଇଥାଏ । ଆଉ ନୀତି-ନିୟନ୍ତାଙ୍କ ଦ୍ୱାରା ଅନୈତିକ କୃତ୍ୟ ହେବାର ଦେଖାଯାଉଥାଏ । ଶ୍ରୀଭଗବାନ କହିଛନ୍ତି ଯେ ଆସୁରୀ ପ୍ରବୃତ୍ତିର ବ୍ୟକ୍ତି ସବୁ ଭୁଲ କରିଥାଏ, କିନ୍ତୁ ମନରେ ଏହା ମାନି ବସିଥାଏ ଯେ ସେ ବିଲକୁଲ ଠିକ୍ । କାରଣ ତା'ର ଚିତ୍ତ, ଅଜ୍ଞାନ ଓ ଅହଂକାର ଦ୍ୱାରା ଢାଙ୍କି ହୋଇଥିବା କାରଣରୁ ପ୍ରବଞ୍ଚନା ଆରମ୍ଭ କରିଦିଏ । ଧୀରେ-ଧୀରେ ତାକୁ ସତ୍ୟର ଜ୍ଞାନ ହେବା ବନ୍ଦ ହୋଇଯାଏ ।

ଏପରି ମନୁଷ୍ୟମାନଙ୍କ ବିଷୟରେ ଶ୍ରୀଭଗବାନ କହିଛନ୍ତି ଯେ ସେମାନେ ନରକରେ ଯାଇ ପଡ଼ିଥାନ୍ତି । ଅନ୍ୟ ଶବ୍ଦରେ କହିଲେ ସେମାନଙ୍କ ଜୀବନ ହିଁ ନରକ ସଦୃଶ ହୋଇଯାଏ, କାରଣ ସେମାନଙ୍କ ଭିତରେ ପ୍ରତି ମୁହୂର୍ତ୍ତରେ ଦୁଃଖ, ବିଷାଦ, ପୀଡ଼ା, ନିଃସଙ୍ଗତାର ଅଗ୍ନି ଜଳୁଥାଏ । ସେମାନେ ଏହା ଭୁଲି ଯାଆନ୍ତି ଯେ ଏହା ସେମାନଙ୍କ କର୍ମର ଫଳ ଅଟେ, ଯାହା ପ୍ରକାରାନ୍ତରେ ସେମାନଙ୍କୁ ମିଳୁଛି ।

ଏହା ସେମାନଙ୍କ ନିଜସ୍ୱ ଆବାଜର ହିଁ ପ୍ରତିଧ୍ୱନି ଅଟେ, ଯାହା ଫେରି ଆସି ସେମାନଙ୍କ ପାଖରେ ପହଞ୍ଚୁଛି, ଯେତେବେଳେ ଚିତ୍ତର ଏପରି ଦଶା ହୋଇଯାଏ ତ ବ୍ୟକ୍ତି ଧୀରେ ଧୀରେ ଜୀବନକୁ ନରକ କରିଦିଏ । ଏହିପରି ଆସୁରୀ ପ୍ରବୃତ୍ତିର ଲୋକେ ନିଜର ଜୀବନ ସହିତ ଖେଳିଥାନ୍ତି ।

# ପ୍ରକୃତି କୋଳରେ ସୁସ୍ଥ ଓ ନୀରୋଗ ଜୀବନ

ପ୍ରକୃତି ଜୀବନର, ସ୍ୱାସ୍ଥ୍ୟର, ପ୍ରତ୍ୟେକ ପ୍ରକାର ପୋଷଣର ସ୍ରୋତ ଅଟେ । ପ୍ରତ୍ୟେକ ଜୀବଜନ୍ତୁ ଏହାର କୋଳରେ ପ୍ରାକୃତିକ ପ୍ରେରଣାରେ ଜୀବନ ଜିଇଥାନ୍ତି । ସେମାନଙ୍କ ଆହାର-ବିହାର ଓ ଜୀବନ ପ୍ରାକୃତିକ ନିୟମଗୁଡ଼ିକ ଦ୍ୱାରା ବାନ୍ଧି ହୋଇଥାଏ । ଏଣୁ ସେମାନେ ସୁସ୍ଥ-ନୀରୋଗ ଜୀବନ ବଞ୍ଚିଥାନ୍ତି । କେବଳ ମନୁଷ୍ୟ ହିଁ ପ୍ରକୃତି ବିରୁଦ୍ଧରେ ଚାଲିଥାଏ, ପଦେ ପଦେ ଏହାର ନିୟମଗୁଡ଼ିକୁ ଭାଙ୍ଗିଥାଏ ଏବଂ ତାହାର ଗମ୍ଭୀର ପରିଣାମ ଭୋଗିଥାଏ । ଯେଉଁ ଲୋକମାନେ ଅପ୍ରାକୃତିକ ଜୀବନ ବଞ୍ଚନ୍ତି, ସେମାନେ ବେମାର ପଡ଼ନ୍ତି ଏବଂ ଅସମୟରେ ମୃତ୍ୟୁର ଗ୍ରାସ ହୋଇଥାନ୍ତି ।

ସମସ୍ତ ଜୀବଜନ୍ତୁ ଓ ପଶୁପକ୍ଷୀ ପ୍ରକୃତିର ଅନୁସରଣ କରିଥାନ୍ତି । ପରିଣାମ ସ୍ୱରୂପ ସେମାନଙ୍କୁ କୌଣସି ପ୍ରକାରର ବେମାରି ହୋଇ ନ ଥାଏ ଏବଂ କୌଣସି ଚିକିତ୍ସକ ବା ବୈଦ୍ୟର ଆବଶ୍ୟକତା ପଡ଼ି ନଥାଏ । ଯଦ୍ୟପି ମନୁଷ୍ୟର ଦେଖାରେଖାରେ ପାଳିତ ପଶୁ ପକ୍ଷୀ ଅପ୍ରାକୃତିକ ଜୀବନ ପାଇଁ ବିବଶ ହୋଇଥାନ୍ତି ତଥା କେବେ କେମିତି ବେମାରି ପଡ଼ନ୍ତି ଏବଂ ସେମାନଙ୍କ ପାଇଁ ପଶୁ ଚିକିତ୍ସାଳୟ ଖୋଲାଯାଇଛି, କିନ୍ତୁ ଜଙ୍ଗଲରେ ପ୍ରକୃତି କୋଳରେ ସ୍ୱଚ୍ଛନ୍ଦ ବିଚରଣ କରୁଥିବା ଜୀବଜନ୍ତୁମାନଙ୍କ ମଧ୍ୟରେ କୌଣସି ପ୍ରକାରର ଦୁର୍ବଳତା ବା ବେମାରି ଦେଖିବାକୁ ମିଳେ ନାହିଁ ।

ଏହିପରି ଯେଉଁ ବ୍ୟକ୍ତି ପ୍ରାକୃତିକ ଜୀବନଯାପନ କରେ, ସେ ସୁସ୍ଥ – ନୀରୋଗ ଓ ଦୀର୍ଘାୟୁ ହୋଇଥାଏ । ପ୍ରାଚୀନ କାଳରେ ଏହି ଆଧାରରେ ଲୋକେ ଶହେ ବର୍ଷ ପର୍ଯ୍ୟନ୍ତ ସ୍ୱାଭାବିକ ରୂପେ ଜୀବିତ ରହୁଥିଲେ । ବେଦରେ ଜୀବେମ ଶରଦଃ ଶତମ୍ ଅର୍ଥାତ୍ ଶହେ ବର୍ଷ ପର୍ଯ୍ୟନ୍ତ ବଞ୍ଚିବା କଥା କୁହାଯାଇଛି । ପ୍ରକୃତରେ ସୁସ୍ଥ ଓ ନୀରୋଗ ରହିବା ବହୁତ କିଛି ପ୍ରାକୃତିକ ତତ୍ତ୍ୱଗୁଡ଼ିକର ସ୍ଥିତି ଉପରେ ନିର୍ଭର କରେ । ଆହାର ବିହାରର ଅସାବଧାନତା କାରଣରୁ ଏହି ତତ୍ତ୍ୱଗୁଡ଼ିକର ସନ୍ତୁଳନ ବିଗିଡ଼ିଯାଏ, ଫଳରେ କେତେ ପ୍ରକାର ରୋଗ ସୃଷ୍ଟି ହୋଇଯାଏ ।

ବାୟୁର ମାତ୍ରାରେ ଊଣା-ଅଧିକ ହେଲେ ଗଣ୍ଠିବାତ, ପକ୍ଷାଘାତ, କମ୍ପ, ହାତଗୋଡ ଲାଗିଯିବା, ନାଡ଼ୀ ବିକ୍ଷେପ ଆଦି ରୋଗ ସୃଷ୍ଟି ହୋଇଥାଏ । ଅଗ୍ନି ତତ୍ତ୍ୱର ଅସନ୍ତୁଳନ ଦ୍ୱାରା ଘାଆ–ବ୍ରଣ, ରକ୍ତ ବିକାର, ହଇଜା, ଝାଡ଼ା, କ୍ଷୟ ଆଦି ହୋଇଥାଏ । ଜଳ ତତ୍ତ୍ୱ ବିକୃତ ହେଲେ ମିଳିମିଳା, ସଂଗ୍ରହଣୀ, ପ୍ରମେହ, ସର୍ଦ୍ଦି, କାଶ ଭଳି ବିକାର ଉତ୍ପନ୍ନ ହୋଇଥାଏ ।

ପୃଥିବୀ ତତ୍ତ୍ୱ ବଢ଼ିଲେ ଗୋଦର, ପ୍ଲୀହା, ଆଖିଡୋଳା ବାହାରି ପଡ଼ିବା, ମେଦବୃଦ୍ଧି- ସ୍ଥୂଳତା ଭଳି ରୋଗ ହୋଇଯାଏ । ଆକାଶ ତତ୍ତ୍ୱର ବିକାର କାରଣରୁ ମୂର୍ଚ୍ଛା, ଉନ୍ମାଦ, ପାଗଳାମି, ଅନିଦ୍ରା, ଶଙ୍କା, ଅସ୍ଥିରତା, ଦୁଃସ୍ୱପ୍ନ, କାନକୁ ନ ଶୁଭିବା, ବିସ୍ମୃତି ଆଦି ରୋଗ ଜୀବନକୁ ଆକ୍ରାନ୍ତ କରିଥାଏ ।

ଏହି ତତ୍ତ୍ୱଗୁଡ଼ିକର ମିଶ୍ରିତ ବିକାରଗୁଡ଼ିକର ମାତ୍ରା ଅନୁସାର ନାନାବିଧ ରୋଗ ଉତ୍ପନ୍ନ ହୋଇଥାଏ । ଏହି ପ୍ରକାର ପଞ୍ଚତତ୍ତ୍ୱର ନ୍ୟୁନତା ଓ ଅଧିକତା ରୋଗଗୁଡ଼ିକର କାରଣ ହୋଇଥାଏ । ଯେଉଁ ତତ୍ତ୍ୱ କାରଣରୁ ବିକାର ଉତ୍ପନ୍ନ ହୋଇଥାଏ, ସେହି କାରଣକୁ ଦୂର କରିବା ଦ୍ୱାରା ଅନ୍ୟ ବିକାର ମଧ ଦୂର ହୋଇଯାଏ । ଏହା ସ୍ପଷ୍ଟ ଯେ ପଞ୍ଚତତ୍ତ୍ୱ ଦ୍ୱାରା ନିର୍ମିତ ଏହି କାୟାକୁ ପ୍ରକୃତିର ନିୟମଗୁଡ଼ିକର ଅନୁସରଣ କରି ହିଁ ସୁସ୍ଥ ଓ ନୀରୋଗ ରଖାଯାଇ ପାରେ । ଏଥିରେ ପଞ୍ଚତତ୍ତ୍ୱର ସନ୍ତୁଳନ ଏକ ପ୍ରମୁଖ ଭୂମିକା ନିଭାଇ ଥାଏ ।

ଏହା ସର୍ବବିଦିତ ଯେ ମାଟିରେ ବିଷକୁ ହରଣ କରିବାର ଅଦ୍ଭୁତ କ୍ଷମତା ରହିଛି । ଶରୀରର ଯେଉଁ ଭାଗରେ ଓଦା ମାଟିକୁ ଲଗାଯାଏ, ସେଠାକାର ବିକାର ଟାଣିହୋଇ ଚାଲିଯାଏ ଏବଂ ଶରୀରରୁ ଅଧିକାଂଶ ବିଷ ବାହାରିଯାଏ । ଆଜିକାଲି ସାବୁନର ପ୍ରୟୋଗ ବହୁଳ ଭାବେ ହେଉଛି, କିନ୍ତୁ ବିଜ୍ଞଜନମାନେ ଜାଣନ୍ତି ଯେ ମାଟିର ପ୍ରୟୋଗ ଏହାଠାରୁ ହଜାରେ ଗୁଣ ଉତ୍ତମ ।

ସାବୁନରେ ମିଶୁଥିବା କଷ୍ଟିକ ସୋଡ଼ା ଦ୍ୱାରା ଚର୍ମରେ ଶୁଷ୍କତା ଆସିଥାଏ ଏବଂ ଏହା ଲୋମକୂପଗୁଡ଼ିକୁ ବନ୍ଦ କରିଦିଏ, ଯଦ୍ୟପି ମାଟି ମଇଳାକୁ ଦୂର କରିଥାଏ, ଏଥିରେ ଶୀତଳତା ଆଣିଥାଏ, ଲୋମ କୂପଗୁଡ଼ିକୁ ସଫା କରିଥାଏ, ବିଷକୁ ବାହାର କରି ତ୍ୱଚାକୁ ସତେଜ କରିଥାଏ । ମାଟି ଲଗାଇ ସ୍ନାନ କରିବା ଏକ ଉତ୍ତମ ଲେପ, ଏହା ଦ୍ୱାରା ଗରମ ଦିନେ ଶରୀରରୁ ଘାଆ-ବ୍ରଣ ଆଦି ଦୂର ହୋଇଥାଏ । ଆଜି ମଧ ମୁଣ୍ଡରେ ମୁଲତାନୀ ମାଟି ଲଗାଇ ଲୋକେ ସ୍ନାନ କରୁଛନ୍ତି, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

ରୋଗଗୁଡ଼ିକର ଉପଚାରରେ ଓଦା ମାଟିର ପଟି ପ୍ରସ୍ତୁତ କରି ଉପଯୋଗ କରିବା ଲାଭଦାୟକ ହୋଇଥାଏ । ଏଥିପାଇଁ ସଫା ଏବଂ ମଇଳା ଗୋଡ଼ି-ପଥର ରହିତ ମାଟିର ଉପଯୋଗ କରିବା ଉଚିତ । ଏଥିପାଇଁ ମାଟିକୁ କୁଟି-ପେଷି ଚାଲୁଣୀରେ ଚଲାଇ ଉପଯୋଗ କରାଯାଇ ପାରେ । ମାଟି ଯେତେ ଚିକ୍କଣ ହେବ, ସେତିକି ଉତ୍ତମ । ବାଲିଆ, ବାଲି ଓ ଭୁରଭୁରା ମାଟି ଦ୍ୱାରା ଏହି ଉଦ୍ଦେଶ୍ୟ ପୂର୍ଣ୍ଣ ହୋଇ ନ ଥାଏ ।

ଅଗ୍ନି ଚେତନା, କ୍ରିୟାଶୀଳତା ଓ ସୃଜନର ପ୍ରତୀକ । ଏହାର ମହତ୍ତ୍ୱକୁ ବୁଝି ବେଦଗୁଡ଼ିକର ପ୍ରଥମ ମନ୍ତ୍ର ଅଗ୍ନି ନାମରେ ସମର୍ପିତ- ଅଗ୍ନିମୀଳେ ପୁରୋହିତଂ । ସୂର୍ଯ୍ୟ ଅଗ୍ନି ତତ୍ତ୍ୱର ମୂର୍ତ୍ତିମାନ୍ ପ୍ରତୀକ । ସୂର୍ଯ୍ୟଙ୍କୁ ଜଗତର ଆତ୍ମା କୁହାଯାଇଛି । ଯେଉଁ ବୃକ୍ଷଲତା ଓ ଜୀବଜନ୍ତୁମାନଙ୍କୁ ସୂର୍ଯ୍ୟଙ୍କ କିରଣ ପର୍ଯ୍ୟାପ୍ତ ମାତ୍ରାରେ ମିଳିଥାଏ, ସେମାନେ ନୀରୋଗ ଓ ସୁସ୍ଥ ରହନ୍ତି ତଥା ଯେଉଁମାନଙ୍କ ମଧ୍ୟରେ ଏହାର ଅଭାବ ହୋଇଥାଏ, ସେମାନେ ଅବିକଶିତ ଓ ଅସ୍ୱସ୍ଥ ଅବସ୍ଥାରେ ଦେଖାଯାଆନ୍ତି ।



ବୈଜ୍ଞାନିକମାନେ ସୂର୍ଯ୍ୟଙ୍କ ଅଲଟ୍ରା ଭାଓଲେଟ ଓ ଆଲଫା ଭାଓଲେଟ କିରଣକୁ ସ୍ୱାସ୍ଥ୍ୟ ପାଇଁ ବିଶେଷ ରୂପେ ଉପଯୋଗୀ କହିଛନ୍ତି । ମେସିନ ଦ୍ୱାରା ଏହାର କୃତ୍ରିମ ନିର୍ମାଣ କରାଗଲାଣି, କିନ୍ତୁ ସୂର୍ଯ୍ୟଙ୍କ ପ୍ରାକୃତିକ କିରଣଗୁଡ଼ିକର କୌଣସି ବିକଳ୍ପ ନାହିଁ । ସୂର୍ଯ୍ୟଙ୍କ କିରଣଗୁଡ଼ିକ ଆଧାରରେ କ୍ରୋମୋଥେରାପୀ ନାମକ ସ୍ୱତନ୍ତ୍ର ଚିକିତ୍ସା ପଦ୍ଧତିର ଆବିଷ୍କାର ହୋଇଛି, ଯେଉଁଥିରେ ରଙ୍ଗିନ କାଚ ସାହାଯ୍ୟରେ ସୂର୍ଯ୍ୟଙ୍କ କିରଣଗୁଡ଼ିକୁ ରୋଗୀ ପର୍ଯ୍ୟନ୍ତ ଆବଶ୍ୟକତା ଅନୁସାରେ ପହଞ୍ଚାଇ ଦିଆଯାଏ ।

ରୋଗ ଜୀବାଣୁଗୁଡ଼ିକୁ ନଷ୍ଟ କରିବାରେ ଯେତିକି କ୍ଷମତା ସୂର୍ଯ୍ୟଙ୍କର ଅଛି, ସେତିକି ଆଉ କାହାଠାରେ ନାହିଁ । ତେଣୁ ନିତ୍ୟ ସୂର୍ଯ୍ୟସ୍ନାନ କରାଯାଇ ସ୍ୱାସ୍ଥ୍ୟରେ ଆଶ୍ଚର୍ଯ୍ୟଜନକ ରୂପେ ସୁଧାର କରାଯାଇପାରେ । ଏଥିପାଇଁ ସକାଳର ସୂର୍ଯ୍ୟକିରଣ ସର୍ବୋତ୍ତମ ହୋଇଥାଏ, ଯେଉଁ ପ୍ରକ୍ରିୟାରେ ନ୍ୟୁନତମ ବସ୍ତ୍ର ପିନ୍ଧି ଶରୀରରେ ସୂର୍ଯ୍ୟଙ୍କ ହାଲୁକା କିରଣଗୁଡ଼ିକୁ ପଡ଼ିବାକୁ ଦେବା ଆବଶ୍ୟକ ।

ଆମେ ଜାଣିଛେ ଯେ ଶରୀରରେ ୯୦ ପ୍ରତିଶତ ଜଳ ରହିଥାଏ ତଥା ଅନ୍ୟ ବସ୍ତୁ ୧୦ ପ୍ରତିଶତ । ଏଥିପାଇଁ ଶରୀରକୁ ଜଳର ସବୁଠାରୁ ଅଧିକ ଆବଶ୍ୟକତା ଥାଏ । ଶରୀରରେ ଜଳ ତତ୍ତ୍ୱର ନ୍ୟୁନତା କାରଣରୁ ଅନେକ ପ୍ରକାରର ବିକାର ଉତ୍ପନ୍ନ ହୋଇଥାଏ । ଦେହ ଶୁଖିବାକୁ ଲାଗେ, ନାଡ଼ୀଗୁଡ଼ିକ ଟାଣ ହୋଇଯାଏ, ରକ୍ତ ଗାଢ଼ ହୋଇଯାଏ ଏବଂ ଶୁଷ୍କତା, ଜଳାପୋଡ଼ା ହେବା, ଶୋଷ ଆଦିର ଲକ୍ଷଣ ଦେଖାଯାଇଥାଏ । ପ୍ରତିଦିନ ପର୍ଯ୍ୟାପ୍ତ ମାତ୍ରାରେ ଜଳ ପିଇବା ଦ୍ୱାରା ଶରୀରକୁ ଆବଶ୍ୟକ ପୋଷଣ ମିଳିଥାଏ ତଥା ଶରୀରର ଭିତର ଅଙ୍ଗଗୁଡ଼ିକରୁ ଉତ୍ପନ୍ନ ଝାଳ, ମୂତ୍ର, ମଳ ଭଳି ବିକାର ଦ୍ରବ୍ୟ ରୂପରେ ନିଷ୍କାସିତ ହୋଇଥାଏ ।

ସ୍ନାନ ରୂପରେ ଜଳ ତତ୍ତ୍ୱର ଔଷଧୀୟ ଉପଯୋଗ ପ୍ରତ୍ୟକ୍ଷ । ସ୍ନାନ ପରେ ଯେଉଁ ଚୈତନ୍ୟ, ସ୍ଫୂର୍ତ୍ତି ଆସେ, ତାକୁ ପ୍ରତ୍ୟେକେ ଅନୁଭବ କରିଥାନ୍ତି । ସେଥିପାଇଁ ଆମ ସଂସ୍କୃତିରେ ସ୍ନାନକୁ ବିଶେଷ ମହତ୍ତ୍ୱ ଦିଆଯାଇଛି । ସ୍ନାନ କରିବା ଦୈନିକ କୃତ୍ୟ ବୋଲି ସ୍ୱୀକାର କରାଯାଏ ଏବଂ ଏଥିପାଇଁ ଏଠାରେ ''ସ୍ନାନ ବିନା ଭୋଜନ ନାହିଁ''ର ନିୟମ ରହିଛି ।

ମୋଟା ଖଦଡ ତଉଲିଆରେ ରଗଡ଼ି କରାଯାଇଥିବା ସ୍ନାନ ବହୁତ ଉପଯୋଗୀ, ଯଦ୍ଦ୍ୱାରା ତ୍ୱଚାର ସୂକ୍ଷ୍ମ ଛିଦ୍ରଗୁଡ଼ିକ ସଫା ହୋଇଯାଏ, ଏହା ସହିତ ଘର୍ଷଣ ଦ୍ୱାରା ଉତ୍ତାପ ବଢ଼ାଇ ଶୀତଳ ଜଳରେ ସ୍ନାନ କରିବା ଫଳରେ ଶରୀର ସଶକ୍ତ ହୋଇଥାଏ । ଧୀରେ ଧୀରେ ପ୍ରସନ୍ନତା ପୂର୍ବକ ପ୍ରତ୍ୟେକ ଅଙ୍ଗର ସଫାଇ ସହିତ କରାଯାଇଥିବା ସ୍ନାନ ବହୁତ ଉପଯୋଗୀ ହୋଇଥାଏ । ନଦୀ ବା ପୁଷ୍କରିଣୀରେ ପହଁରି କରାଯାଇଥିବା ସ୍ନାନ ମଧ ଅନେକ ଦୃଷ୍ଟିରୁ ଲାଭକାରୀ ହୋଇଥାଏ । ବର୍ଷାର ନିର୍ମଳ ଜଳରେ ମଧ ପାଗକୁ ଦେଖି ସ୍ନାନର ଆନନ୍ଦ ନେବା ଉଚିତ ।

ବାୟୁ-ପୃଥିବୀ, ଜଳ ଓ ଅଗ୍ନି ତତ୍ତ୍ୱଗୁଡ଼ିକ ଅପେକ୍ଷା ଅଧିକ ସୂକ୍ଷ୍ମ, ତେଣୁ ଏହା ଅଧିକ ଗୁଣକାରୀ ଓ ପ୍ରଭାବଶାଳୀ ମଧ । ଅନ୍ନ ଓ ଜଳ ବିନା ବ୍ୟକ୍ତି କିଛି ସମୟ ଜୀବିତ ରହିପାରେ, କିନ୍ତୁ ବାୟୁ ବିନା କ୍ଷଣକ ପାଇଁ ବି କାମ ଚଳେ ନାହିଁ ।

ଶରୀରରେ ଅନ୍ୟ ତତ୍ତ୍ୱଗୁଡ଼ିକ ସହିତ ଜଡ଼ିତ ବିକାର ସେତେ ବିପଦପୂର୍ଣ୍ଣ ହୋଇ ନଥାଏ, ଯେତେ ବାୟୁ ବିକାର ହୋଇଥାଏ । ଯେଉଁ ସ୍ଥାନରେ ବାୟୁ ବିକୃତ ହେବ, ସେହି ଅଙ୍ଗରେ ତୀବ୍ର ବେଦନାର ଅନୁଭବ ହୋଇଥାଏ । ଯେଉଁ ସ୍ଥାନର ବାୟୁ ଖରାପ ହୋଇଥାଏ, ସେଠାରେ ବିଭିନ୍ନ ପ୍ରକାର ରୋଗ ଓ ମହାମାରୀ ଉତ୍ପନ୍ନ ହୋଇଥାଏ ଏବଂ ସେଠାରେ କେହି ରହିବାକୁ ପସନ୍ଦ କରନ୍ତି ନାହିଁ । ବିଧିବତ୍ ପ୍ରାଣାୟାମ କରୁଥିବା ଲୋକେ ବାୟୁ ସାଧନାର ମହତ୍ତ୍ୱକୁ ଜାଣନ୍ତି । ନିଃସନ୍ଦେହ ବାୟୁର ସ୍ୱାସ୍ଥ୍ୟ ସହିତ ଘନିଷ୍ଠ ସମ୍ବନ୍ଧ ରହିଛି, ଯାହାର ଉଚିତ ଉପଯୋଗ କରି ବିଗିଡ଼ିଥିବା ସ୍ୱାସ୍ଥ୍ୟକୁ ଠିକ୍ କରାଯାଇପାରେ ।

ଋଷିମାନଙ୍କ ଦ୍ୱାରା ଉଦ୍ଭାବିତ ଯଜ୍ଞ–ହବନ ପଦ୍ଧତି ଏହାର ଏକ ଉତ୍କୃଷ୍ଟ ଉପଯୋଗ ଅଟେ । ଧାର୍ମିକ ସହିତ ଏହାର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଲାଭ ଅଗଣିତ । ଯଜ୍ଞ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପ୍ରଦାନ କରିଥାଏ । ଏଥିରେ ଯେଉଁଠି ଔଷଧଗୁଡ଼ିକ ବାୟୁଭୂତ ହୋଇ ପ୍ରତ୍ୟକ୍ଷ ଲାଭ ଦେଇଥାଏ ତ ସେଇଠି ଏହା ସହିତ ଯଜ୍ଞୀୟ ଭାବନାପୂର୍ବକ କରାଯାଇଥିବା କୃତ୍ୟ ମାନସିକ ରୋଗକୁ ସମୂଳେ ଠିକ୍ କରିଥାଏ ।

ଆକାଶ ସବୁଠାରୁ ସୂକ୍ଷ୍ମ ତତ୍ତ୍ୱ, ଯାହା ପ୍ରତ୍ୟେକ ପୋଲା ଓ ଘନ ପଦାର୍ଥରେ ନ୍ୟୁନାଧିକ ମାତ୍ରାରେ ବ୍ୟାପ୍ତ । ଆକାଶର ଗୁଣ ଶବ୍ଦ ବୋଲି କୁହାଯାଏ । ଯେତେ ସବୁ ଶବ୍ଦ ଅଛି, ସେ ସବୁ ଆକାଶ କାରଣରୁ ଉତ୍ପନ୍ନ ହୋଇଛି ଯଦି ଆକାଶ ନଥାଆନ୍ତା ତ ଶଙ୍ଖ-ଘଣ୍ଟା, ଘଡ଼ିଆଳ, ତୋପ-ବନ୍ଧୁକ, ମୋଟର କାହାର ଆବାଜ ଶୁଣାଯାଇ ନ ଥାଆନ୍ତା । ଖାଲି ଏତିକି ନୁହେଁ ଆମର ବାର୍ତ୍ତାଳାପ ମଧ ସମ୍ଭବ ହୋଇ ନଥାଆନ୍ତା ।

ଶବ୍ଦର ମଧ ଦୁଇଟି ଭେଦ ଅଛି- ଧ୍ୱନି ଓ ବିଚାର । ଶବ୍ଦଗୁଡ଼ିକ ଦ୍ୱାରା ଆମେ ନିଜର ବିଚାର, ଭାବ ଓ ଅନୁଭୂତିଗୁଡ଼ିକୁ ଅନ୍ୟମାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ଥାଉ । ଏହି ପ୍ରକାର ବିଚାରଗୁଡ଼ିକର ନିଜର ବିଜ୍ଞାନ ଅଛି । ମସ୍ତିଷ୍କରୁ ଯେଉଁ ବିଚାର ଉଠିଥାଏ, ତାହା ବିଦ୍ୟୁତ୍ ତରଙ୍ଗଗୁଡ଼ିକ ଭଳି ଆକାଶରେ ବ୍ୟାପିଯାଏ ଏବଂ କେବେ ନଷ୍ଟ ହୋଇ ନଥାଏ । ଏଗୁଡ଼ିକ ନିଜ ପରି ବିଚାରଗୁଡ଼ିକ ସହିତ ମିଶି ବିଚାରର ବାଦଲ ରୂପେ ଏଣେତେଣେ ଉଡ଼ୁଥାଏ ।

ଯଦି କେହି କ୍ରୋଧ, ଧୂର୍ତ୍ତତା, ବାସନା, ଆତ୍ମହତ୍ୟା ଆଦିର ନକାରାତ୍ମକ ବିଚାର କରିଥାଏ, ତ ଅନେକ ବ୍ୟକ୍ତିଙ୍କ ଦ୍ୱାରା ଅତୀତ ବା ବର୍ତ୍ତମାନରେ କରାଯାଇଥିବା ବା କରାଯାଉଥିବା ବିଚାର ସେଠାକୁ ଆସି ଏକାଠି ହୋଇଯାଏ । ପରିଣାମ ସ୍ୱରୂପ ସେହି ଦିଶାରେ ଏହି ପ୍ରକାରର ପ୍ରବୃତ୍ତିଗୁଡ଼ିକ ପ୍ରବଳ ହୋଇଥାଏ ଏବଂ ନୂଆ ନୂଆ ଯୁକ୍ତିଗୁଡ଼ିକ ମନକୁ ଆସିଥାଏ । ସେହିପରି ସଦ୍‌ଭାବ, ପବିତ୍ରତା, ତ୍ୟାଗ, ପରମାର୍ଥ, ସଂଯମ ଭଳି ବିଚାର ଉଠିଲେ ଅନେକ ସାଧକ ଓ ମହାପୁରୁଷଙ୍କ ଦ୍ୱାରା କରାଯାଇଥିବା ବିଚାର ଏକାଠି ହୋଇଥାଏ ଏବଂ ବ୍ୟକ୍ତିକୁ ସନ୍ମାର୍ଗ ପାଇଁ ପ୍ରେରିତ କରିଥାଏ ।

ଏହି ପ୍ରକାର ପଞ୍ଚତତ୍ତ୍ୱର ଏପରି କିଛି ସର୍ବମାନ୍ୟ ପ୍ରୟୋଗଗୁଡ଼ିକ ଆଧାରରେ ପ୍ରକୃତି ସହିତ ତାଳମେଳ ରଖି ଆବଶ୍ୟକ ସ୍ୱାସ୍ଥ୍ୟ ଲାଭ କରାଯାଇ ପାରେ । ସଂକ୍ଷେପରେ ପ୍ରକୃତିର ସାହଚର୍ଯ୍ୟରେ ଏହାର ନିୟମଗୁଡ଼ିକର ଅନୁକୂଳ ନିର୍ବାହ କରାଯାଉଥିବା ଜୀବନ ହିଁ ସୁସ୍ଥ ଓ ନୀରୋଗ ରହିଥାଏ ।

## ଆଜିର ଚିନ୍ତନ

କାଶୀ ରାଜା ଥିଲେ ଜଣେ ଅତ୍ୟନ୍ତ ବୁଦ୍ଧିମାନ, ଚତୁର ଓ ବିଜ୍ଞବ୍ୟକ୍ତି । ଥରେ ସେ ତାଙ୍କ ଶ୍ରେଷ୍ଠ ଅମାତ୍ୟଙ୍କୁ କହିଲେ, ମହାମନ୍ତ୍ରୀ ! ମୁଁ ବଡ଼ ଦ୍ୱନ୍ଦ୍ୱରେ ପଡ଼ିଯାଇଛି । ସମୁଚିତ ଉତ୍ତର ପ୍ରଦାନ କରି ମୋତେ ଦ୍ୱନ୍ଦ ମୁକ୍ତ କରାନ୍ତୁ । ରାଜା ପଚାରିଲେ – ମନୁଷ୍ୟର ସବୁଠାରୁ ଶକ୍ତିଶାଳୀ ଅସ୍ତ୍ରଟି କ'ଣ, ଯାହାକୁ ପ୍ରୟୋଗକରି ସେ ସମ୍ଭାବ୍ୟ ବିପଦକୁ ଦୃଢ଼ତାର ସହ ଦୂର କରିପାରିବ ? ମନ୍ତ୍ରୀ ସେ ସମୟରେ ସମସ୍ତ ଉନ୍ନତ ମାନର ଅସ୍ତ୍ରଶସ୍ତ୍ର କଥା ଚିନ୍ତାକଲେ, ହେଲେ କୌଣସି ଉତ୍ତର ଦେବାକୁ ସାହସ କଲେ ନାହିଁ । କାରଣ ତାଙ୍କ ଉତ୍ତର ଯଦି ଭୁଲ୍ ପ୍ରମାଣିତ ହୁଏ ତେବେ ନିଜେ ଲଜ୍ଜିତ ହେବାସହ କଠୋର ରାଜଦଣ୍ଡର ସମ୍ଭାବନାକୁ ମଧ ଏଡ଼ାଇ ହେବନାହିଁ । ରାଜା ପନ୍ଦରଦିନ ସମୟଦେଇ କହିଲେ, ମହାମନ୍ତ୍ରୀ ! ଆପଣ ପନ୍ଦରଦିନ ଛୁଟିରେ ଯାଆନ୍ତୁ ଓ ଷୋଡ଼ଶଦିନ ସମୁଚିତ ଉତ୍ତର ସହ ଏଠାରେ ଉପସ୍ଥିତ ହୁଅନ୍ତୁ । ମନ୍ତ୍ରୀ ପନ୍ଦରଦିନ ସିନା ଛୁଟିରେ ରହିଲେ ହେଲେ ଉକ୍ତ ପ୍ରଶ୍ନର ଉତ୍ତର ସେ କାହାକୁ ପଚାରିଲେ ନାହିଁ । ରାଜ୍ୟର ପ୍ରଧାନ ଅମାତ୍ୟ ହୋଇ ଏକଥା ସେ କାହାକୁ ପଚାରିବେ ? ପଚାରିଲେ ତାଙ୍କର ଦୁର୍ବଳତା ପ୍ରକାଶ ପାଇବ । ନିରୁପାୟ ଅବସ୍ଥାରେ ମନ୍ତ୍ରୀଙ୍କର ଚଉଦଦିନ ବିତିଗଲା । ଆଜି ହେଉଛି ପଞ୍ଚଦଶ ଦିବସ । ଆସନ୍ତାକାଲି ରାଜା ଦେଇଥିବା ସମୟସୀମା ପୂରା ହେବ । ସେଦିନ ମନ୍ତ୍ରୀ ଗଙ୍ଗାସ୍ନାନ କରି ଫେରିବା ବାଟରେ କିଛି ଲୋକଙ୍କର ଭୟାତୁର ପାଟିତୁଣ୍ଡ ଶୁଣି ପଛକୁ ଚାହିଁଲେ । ଏକ ବଳିଷ୍ଠ ମାରଣା ଷଣ୍ଢ ମନ୍ତ୍ରୀଙ୍କ ମୁଣ୍ଡରେ ପଡ଼ିଥିବା ନାଲି ଗାମୁଛା ଦେଖି ଅତ୍ୟନ୍ତ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ଆକ୍ରମଣ କରିବାକୁ ମାଡ଼ିଆସୁଛି । ସ୍ନାନ ସାରି ଆସୁଥିବାରୁ କେବଳ ଜଳପୂର୍ଣ୍ଣ ଡାଳଟି ବ୍ୟତୀତ ମନ୍ତ୍ରୀଙ୍କ ନିକଟରେ ଆଉ କୌଣସି ଅସ୍ତ୍ର ନ ଥିଲା । ଏଣେ ଷଣ୍ଢଟି କ୍ଷିପ୍ରବେଗରେ ତାଙ୍କ ଆଡ଼କୁ ମାଡ଼ି ଆସୁଛି । ଅନନ୍ୟୋପାୟ ହୋଇ ମନ୍ତ୍ରୀ ଜଳପୂର୍ଣ୍ଣ ଡାଳଟି ଷଣ୍ଢକୁ ଲକ୍ଷ୍ୟକରି ନିକ୍ଷେପ କଲେ । ଡାଳଟି ଷଣ୍ଢର ମସ୍ତକରେ ଶକ୍ତ ଆଘାତ ଦେଲା । ଅକଳ୍ପନୀୟ ଆକସ୍ମିକ ଶକ୍ତ ଆଘାତକୁ ସହି ନ ପାରି ଷଣ୍ଢଟି କିଛି ସମୟ ସ୍ଥାଣୁପରି ରହିଲା ଓ ପରକ୍ଷଣରେ ମନ୍ତ୍ରୀଙ୍କୁ କୌଣସି କ୍ଷତି ନ ପହଞ୍ଚାଇ ସେ ସ୍ଥାନ ତ୍ୟାଗକରି ଚାଲିଗଲା । ପରଦିନ ରାଜସଭାରେ ମନ୍ତ୍ରୀ ଉପସ୍ଥିତ ହେବାମାତ୍ରେ ରାଜା ପଚାରିଲେ କ'ଣ ମୋ ଉତ୍ତର ମିଳିଲା ମନ୍ତ୍ରୀ ସହସା ଉତ୍ତର ଦେଲେ ମହାରାଜ ! ସାହସ ଓ ଉପସ୍ଥିତ ବୁଦ୍ଧି ହିଁ ପ୍ରକୃଷ୍ଟ ଅସ୍ତ୍ର । ଯାହା ମଣିଷକୁ ଯେକୌଣସି ବିପଦରୁ ରକ୍ଷା କରିପାରେ । ରାଜା ଅତ୍ୟନ୍ତ ପ୍ରସନ୍ନ ହୋଇ ମନ୍ତ୍ରୀଙ୍କୁ ସାଧୁବାଦ ଜ୍ଞାପନ କଲେ ।

ସ୍ୱୀକାର
ବର୍ଷ ୨୭, ସଂଖ୍ୟା- ୨୫, ୧୮ - ୨୪ ଜୁନ୍ ୨୦୨୩

# ଆପଣା ହସ୍ତେ ଜିହ୍ୱା ଛେଦି

ଫ୍ରାନ୍ସର ଦାର୍ଶନିକ ଲେଖକ ରୁଷୋ କହୁଥିଲେ ମନୁଷ୍ୟ ଯେଉଁ ଦୁଃଖ ଓ ଦୈନ୍ୟତାର ସମ୍ମୁଖୀନ ହେଉଛି ଏହାର କାରଣ ହେଉଛି ମନୁଷ୍ୟ ନିଜକୁ ପ୍ରକୃତିର ମାର୍ଗରୁ ଦୂରେଇ ରଖିଛି । 'ସେ ପ୍ରକୃତରେ ପ୍ରକୃତିପ୍ରେମୀ ଥିଲେ । ବୃକ୍ଷର ସବୁଜିମା ତାଙ୍କୁ ଖୁବ୍ ଆକର୍ଷିତ କରୁଥିଲା । ସେ ବୁଝିଥିଲେ ଯେ ଶିଶୁର ପ୍ରାକୃତିକ ବିକାଶ କେବଳ ସେତେବେଳେ ସମ୍ଭବ ହେବ ଯେତେବେଳେ ଶିଶୁଟି ପ୍ରକୃତିର କୋଳରେ ରହି ବୃକ୍ଷଲତା, ନିବିଡ଼ ବନାନୀ, ପ୍ରସ୍ଫୁଟିତ ପୁଷ୍ପ, ଝରଣା ଏବଂ ପର୍ବତ ସହ ନିଜକୁ ଜଡ଼ିତ କରିବ ।

ସତରେ ଆଜି ଆଧୁନିକ ମଣିଷଟିଏ କଂକ୍ରିଟ ଜଙ୍ଗଲ ଭିତରେ ଯେମିତି ନିଜକୁ ହଜାଇ ଦେଇଛି । ତାଙ୍କର ବିଶ୍ୱାସ ମଧ ଥିଲା ଯେ ପ୍ରକୃତିକୁ ପ୍ରତ୍ୟାବର୍ତ୍ତନ କଲେ ଯାଇ ଶିଶୁଟି ଉପଯୁକ୍ତ ଶିକ୍ଷା ପାଇବା ସମ୍ଭବପର ହୁଏ । ପ୍ରକୃତିକୁ ପ୍ରତ୍ୟାବର୍ତ୍ତନ ହିଁ ଥିଲା ରୁଷୋଙ୍କର ଶିକ୍ଷାର ମୂଳଲକ୍ଷ୍ୟ । ପ୍ରକୃତି ହିଁ ମନୁଷ୍ୟକୁ ବହୁତ ଆନନ୍ଦରେ ବିଭୋର କରିଥାଏ । ଏହି ପ୍ରକୃତିକୁ ପ୍ରତ୍ୟାବର୍ତ୍ତନ ହିଁ ବର୍ତ୍ତମାନ ବିଶ୍ୱର ମୂଳମନ୍ତ୍ର ପାଲଟିଛି । ପ୍ରକୃତରେ ବୃକ୍ଷଲତା ହିଁ ଆଧୁନିକ ମଣିଷର ଘନିଷ୍ଠ ବନ୍ଧୁ । ଆଜି ମଣିଷ ଯେଉଁ କରୋନା ମହାମାରୀର ଶିକାର ହୋଇଛି  ସେଠି ମଧ ସେ ପ୍ରକୃତିକୁ ଝୁରୁଛନ୍ତି ବୃକ୍ଷଲତା ତା' ପାଇଁ ହିଁ ପ୍ରକୃତ ଜୀବନ ପାଲଟିଛି । ଏହି ବନସ୍ପତି ହେଉଛି ମନୁଷ୍ୟର ପ୍ରାଣର ପୋଷକ । ତା' ବିନା ପ୍ରାଣରେ ସ୍ପନ୍ଦନ ଆଦୌ ସମ୍ଭବ ନୁହେଁ । ବୃକ୍ଷର ଛାୟା, ସୁମିଷ୍ଟ ଫଳ, ପୁଷ୍ପ ସମ୍ଭାର, ଔଷଧୀୟ ଗୁଣ ମନୁଷ୍ୟ ପାଇଁ ସଞ୍ଜିବନୀ ସ୍ୱରୂପ । ମନୁଷ୍ୟ ଆଜି ଯେଉଁ ଅମ୍ଳଜାନକୁ ଖୋଜୁଛି ନିଜର ସ୍ଥିତି ପାଇଁ ତାହା ବୃକ୍ଷର ଅବଦାନ । ଆଜି ମନୁଷ୍ୟ ପ୍ରକୃତିକୁ ନଷ୍ଟ କରି ଯେଉଁ କଷ୍ଟଲବ୍ଧ ଜୀବନ ଅତିବାହିତ କରି ବଞ୍ଚିବା ପାଇଁ ସଂଘର୍ଷ କରୁଛି ବୃକ୍ଷଲତା ହିଁ ତାକୁ ଏହି ବିପଦରୁ ବଞ୍ଚାଇପାରିବ । ତେଣୁ ସମଗ୍ର ବିଶ୍ୱରେ ଏବେ ଜୁଲାଇ ୧ ତାରିଖରୁ ୭ ଦିନ ଯାଏ ପାଖାପାଖି ଏକ ସପ୍ତାହ ପର୍ଯ୍ୟନ୍ତ ବୃକ୍ଷରୋପଣ କରି ଏକ ନୂତନ ଅରଣ୍ୟ ସୃଷ୍ଟି କରି ବନୋମହୋତ୍ସବ ନାମରେ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ହାତକୁ ନେଇଛି । ଆଜି ସମସ୍ତ ସରକାରୀ କାର୍ଯ୍ୟାଳୟ ଅନୁଷ୍ଠାନ, ଅଫିସ, ପାର୍କ, ଶିକ୍ଷାନୁଷ୍ଠାନ ଇତ୍ୟାଦି ସ୍ଥାନରେ ବହୁଳ ମାତ୍ରାରେ ବୃକ୍ଷରୋପଣ କରାଯାଉଛି । ଯଦି ଆମେ ବୈଦିକ ଯୁଗକୁ ଫେରିଯିବା ତେବେ ଦେଖିବା ଯେ ଭାରତୀୟ ଆର୍ଯ୍ୟ ଋଷିଗଣ ତପୋବନ ମଧରେ ଆଶ୍ରମ ନିର୍ମାଣ କରି ଶୀତଳ ଛାୟା ପାଉଥିଲେ । ଏହା ହିଁ ଆର୍ଯ୍ୟ ସଂସ୍କୃତିର ମୂଳମନ୍ତ୍ର । ପୁରାଣରେ ଆଦର୍ଶ ନରପତିମାନେ ସଂସାର ସୁଖ ପରିତ୍ୟାଗ କରି ଜୀବନର ଶେଷଭାଗରେ ବାନପ୍ରସ୍ଥ ଅବଲମ୍ବନ କରି ଅରଣ୍ୟରେ ବାସ କରୁଥିଲେ । ଏହି ଅରଣ୍ୟ ହେଉଛି ଆମ ଭାରତ ବର୍ଷର ଜାତୀୟ ସମ୍ପରି । ଏହି ଅରଣ୍ୟର ସୁନ୍ଦର ସୁନ୍ଦର ପକ୍ଷୀ ମଧ ବାସ କରୁଥିଲେ । ଆମ ରାଜ୍ୟ ଓଡ଼ିଶାରେ ଏବଂ ଭାରତବର୍ଷରେ ଅନେକ ଆଦିବାସୀ ସମ୍ପ୍ରଦାୟର ଲୋକେ ଅଛନ୍ତି ଯେଉଁମାନେ କି ଅରଣ୍ୟ ଉପରେ ନିର୍ଭର କରି ନିଜର ଜୀବିକା ମଧ ନିର୍ବାହ କରିଆସୁଛନ୍ତି । ଏବେ କିନ୍ତୁ ସେହି ଜଙ୍ଗଲମାନଙ୍କରେ ସେମାନେ ଆଉ ମୁକ୍ତ ଭାବରେ ବିଚରଣ କରିପାରୁ ନାହାଁନ୍ତି । ଏହି ଅରଣ୍ୟଗୁଡ଼ିକ କେବଳ ବାୟୁମଣ୍ଡଳକୁ ବିଶୋଧନ କରୁନଥିଲା ବରଂ ଦେଶର ଜଳବାୟୁକୁ ନିୟନ୍ତ୍ରଣ କରୁଥିଲା । ଜଙ୍ଗଲ ରହିଲେ ହିଁ ଆମର ପରିବେଶ ସନ୍ତୁଳନ ଠିକ୍ ରହିବ । ବର୍ଷା ମଧ ଠିକ୍ ସମୟରେ ଏବଂ ପର୍ଯ୍ୟାପ୍ତ ପରିମାଣରେ ହେବ ଏକଥା ମଧ ପରିବେଶବିଦ୍‌ମାନେ କହିଛନ୍ତି । ବୃଷ୍ଟିପାତର ମଧ ଏହି ଅରଣ୍ୟ ସହ ପ୍ରତ୍ୟକ୍ଷ ସମ୍ପର୍କ ଅଛି ବୋଲି ଆମେ ଏବେ ଅନୁଭବ କଲୁଣି । କେବଳ ସେତିକି ନୁହେଁ ମୃତ୍ତିକା ସଂରକ୍ଷଣ ମଧ ଏହି ଅରଣ୍ୟ ଯୋଗୁ ହିଁ ସମ୍ଭବ ହୋଇଥାଏ । ଋକ୍‌ବେଦରେ ମଧ ଅରଣ୍ୟର ଉପାଦେୟତା ସମ୍ପର୍କରେ ଆମେ ଅଧୟନ କରିଛୁ । ଆଜିର ସଭ୍ୟ ମାନବ ସେହି ଆଦିମଯୁଗରୁ ଓ ଅରଣ୍ୟ ଜୀବନରୁ ଆସି ଏବେ ଅତ୍ୟାଧୁନିକ ବିଜ୍ଞାନ ଯୁଗରେ ପହଞ୍ଚିଲାଣି । ସଭ୍ୟତାର ଶୀର୍ଷରେ ପହଁଞ୍ଚି ଚନ୍ଦ୍ରପୃଷ୍ଠରେ ଘର କରିବାର ସ୍ୱପ୍ନ ଦେଖି ସେଠାରେ ଜୀବନର ସଞ୍ଜୀବନୀକୁ ସନ୍ଧାନ କରୁଛି । ପୂର୍ବରୁ ଓଡ଼ିଶାରେ ୪୩ ଭାଗ ଅରଣ୍ୟ ଥିବାବେଳେ ଆଜି ଏହା ୧୫ ଭାଗକୁ ହ୍ରାସ ପାଇଛି । ଏଥିପାଇଁ ଆମେ ସମସ୍ତେ ସମପରିମାଣରେ ଦାୟୀ । ଅରଣ୍ୟର ସବୁଜିମାକୁ ଆଜିର ସଭ୍ୟମଣିଷ ଛିନଭିନ୍ କରି ଲୁଟିଚାଲିଛି । ଗାଁମାନଙ୍କରେ ମଧ କୋଠାଘର ତିଆରି ପାଇଁ ପ୍ରତିଯୋଗିତା ଚାଲିଛି । ଯାହାର ପରିଣାମ ସ୍ୱରୂପ ଆଜି ଅସମୟରେ ବର୍ଷା, ବାତ୍ୟା, ବନ୍ୟା ଆଦି ପ୍ରାକୃତିକ ଦୁର୍ବିପାକ ଘଟି ଦେଶର ତଥା ରାଜ୍ୟର ଜନଜୀବନକୁ ଧ୍ୱଂସ କରିବାକୁ ବସିଲାଣି ।  ଗୋଦରା କୋଢ଼େ ଯେତେ ମାଢ଼େ ସେତେ ଭଳି ସଙ୍ଗୀନ ପରିସ୍ଥିତି ସୃଷ୍ଟି ହେଲାଣି । ଗୋଟିଏ ପଟେ ଲୋକସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଆଉ ଗୋଟିଏ ପଟେ ଅରଣ୍ୟ ତଥା ଗଛଲତା ଧ୍ୱଂସ ପାଇଯାଉଛି । କଳକାରଖାନାରୁ ଧୂଆଁ ବାହାରି ବାୟୁମଣ୍ଡଳକୁ ଦୂଷିତ କରୁଛି । ଅତ୍ୟଧିକ ଯାନବାହନ ବ୍ୟବହାର ଏବଂ ବହୁଳ ମାତ୍ରାରେ ଗଛକଟା ହେବାଦ୍ୱାରା ବାୟୁମଣ୍ଡଳର ଉତ୍ତାପ ବୃଦ୍ଧି ପାଇବାରେ ଲାଗିଛି । ଲାଗୁଛି ପୃଥିବୀ ଯେମିତି ଏକ ମରୁଭୂମି ପାଲଟିଯାଇଛି । ଭୂଗର୍ଭର ଜଳପତନ ମଧ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । ଗୃହ ଉପକରଣ ନିର୍ମାଣ ବୃଦ୍ଧି ପାଇବାରେ ଲାଗିଛି । ଆଜି କେବଳ ଜଙ୍ଗଲ ଧ୍ୱଂସ ହୋଇନି ଏହାସହ ପଶୁପକ୍ଷୀ, ଔଷଧୀୟ ବୃକ୍ଷ ମଧ ପୃଥିବୀରୁ ଲୋପ ପାଇବାରେ ଲାଗିଛି । ପୂରାପୂରି ପୃଥିବୀ ଉତ୍ତପ୍ତ ଅଗ୍ନିପିଣ୍ଡୁଳା ପରି ବୋଧ ହେଉଛି । ବୃକ୍ଷକଟା ହେତୁ ମୃତ୍ତିକା କ୍ଷୟ ଘଟି ତାହାଦ୍ୱାରା ନଦୀଶଯ୍ୟା ସମ୍ପୂର୍ଣ୍ଣ ପୋତି ହେବାକୁ ବସିଲାଣି । ଯଦି ଆମେ ଆଗକୁ ଉପଯୁକ୍ତ ପରିମାଣରେ ବୃକ୍ଷ ନ ଲଗାଇବା ତେବେ ଆମକୁ ହିଁ ଏହାର ପରିଣାମ ଭୋଗ କରିବାକୁ ପଡ଼ିବ । ୧୯୫୦ ମସିହାରେ ତତ୍କାଳୀନ କୃଷିମନ୍ତ୍ରୀ କେ.ଏମ୍. ମୁନସୀ ଏକ ଜାତୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଆହୁରି ପ୍ରୋତ୍ସାହିତ କରିବା ପାଇଁ ଏବେ ଆମ ସରକାର ମାଗଣାରେ ଚାରାବଣ୍ଟନ କରୁଛନ୍ତି ଏବଂ ପରିବେଶ ବିଭାଗ ତରଫରୁ ପ୍ରକୃତିମିତ୍ର ଏବଂ ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ କରାଯାଉଛି । ସରକାର ମଧ ଏବେ ସଚେତନ ହୋଇ ରାସ୍ତାକଡ଼ରେ, ନଦୀବନ୍ଧରେ, ପାର୍କରେ ବିଭିନ୍ନ ପ୍ରକାର ଫଳଫୁଲ ଗଛ ଲଗାଇ ପ୍ରବଳ ଅର୍ଥ ଖର୍ଚ୍ଚ କରୁଛନ୍ତି । କିନ୍ତୁ ଏହାକୁ ରକ୍ଷଣାବେକ୍ଷଣ କରିବା ଆମ ସମସ୍ତଙ୍କର ଦାୟିତ୍ୱ ଏବଂ କର୍ତ୍ତବ୍ୟ ମଧ । କେବଳ ଗଛ ଲଗାଇ ଦେଲେ ହେବନି ଏହାର ଉପଯୁକ୍ତ ଯତ୍ନ ନେଲେ ଯାଇ ଆମେ ଗଢ଼ିପାରିବା ସବୁଜ ସୁନ୍ଦର ପରିବେଶ ଜନିତ ଉପବନ । କିନ୍ତୁ ବଡ଼ ଦୁଃଖର କଥା ଏହି ଯେଉଁ ବୃକ୍ଷରୋପଣ କରାଯାଉଛି କିଛି ସ୍ୱାର୍ଥପର ଲୋକ ଏହି ଗଛଗୁଡ଼ିକୁ ନଷ୍ଟ କରି ଜାଳେଣୀ ପାଇଁ ନେଇଯାଉଛନ୍ତି ତ ପୁଣି କିଏ ଏହାକୁ କାଟି ରାତାରାତି ଧନୀ ହେବାର ସ୍ୱପ୍ନ ଦେଖୁଛି । ଚୋରା କାଠ ଚାଲାଣ ବୃଦ୍ଧି ପାଇବାରେ ଲାଗିଛି । ଆମେ ସଚେତନ ନାଗରିକଗଣ ଆଜି ଏତେ ସ୍ୱାର୍ଥପର ହୋଇଯାଇଛୁ ଯେ ସରକାରଙ୍କ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ତ ଦୂରର କଥା ଆହୁରି ଲଗାଯାଉଥିବା ଗଛକୁ ଆମେ କାଟିବାରେ ବ୍ୟସ୍ତ ରହୁଛୁ । ବୈଦିକ ଯୁଗରୁ ବୃକ୍ଷରୋପଣକୁ ପୁଣ୍ୟକାର୍ଯ୍ୟ ଭାବି ସମସ୍ତେ ଏହି କାର୍ଯ୍ୟ କରୁଥିଲେ । ଆଜି ସମୟ ବଦଳିଯାଇଛି । ଆଜିର ମନୁଷ୍ୟ ଏତେ ମାତ୍ରାରେ ବଦଳି ଯାଇଛି ପ୍ରତି ମୁହୂର୍ତ୍ତରେ ସେ କହୁଛି ମୋର ବଞ୍ଚିବା ଯେତିକି ଲୋଡ଼ାନାହିଁ ଅନ୍ୟମାନଙ୍କର ମୃତ୍ୟୁ ହିଁ ମୋର କାମନା । ସତରେ ଏ ମଣିଷ ଜାତି ନିଜେ ହିଁ ନିଜ ଗୋଡ଼ରେ କୁରାଢ଼ି ମାରୁଛି । ଯଦି ବୃକ୍ଷସମାଜ ଲୋପ ପାଇବ ତେବେ ଏ ମଣିଷଜାତି ମଧ ଡାଇନୋସର ପ୍ରାଣୀଭଳି ନିଶ୍ଚିହ୍ନ ହେବ ଏଥିରେ ସନ୍ଦେହ ନାହିଁ ।



# କୌଣସି ପରାଜୟବାଦ ନାହିଁ

## ମହାତ୍ମା ଗାନ୍ଧୀ

ପରାଜୟ ମୋତେ ନିରାଶ କରିପାରିବ ନାହିଁ । ଏହା ମୋତେ କେବଳ ଅଧିକରୁ ଅଧିକ ଶୁଦ୍ଧ କରି ନେଉଥିବ ।... ଭଗବାନ ଯେ ମୋତେ ଅବଶ୍ୟ ବାଟ ଦେଖାଇ ନେବେ, ମୋତେ ସେକଥା ଜଣା ଅଛି, ମଣିଷର ସକଳ ବୁଦ୍ଧି ଓ ପ୍ରଜ୍ଞାଠାରୁ ସତ୍ୟର ସ୍ଥାନ ଅଧିକ ଉଚ୍ଚରେ ।

ମୋ' ଆଶାବାଦକୁ ମୁଁ କେବେହେଲେ ହରାଇନାହିଁ । ସର୍ବାଧିକ ଅନ୍ଧକାରମୟ ବୋଲି ପ୍ରତୀତ ହେଉଥିବା ସମୟରେ ମଧ ମୋ' ଭିତରେ ଆଶା ଉଜ୍ଜଳ ହୋଇ ଜଳୁଥିଲା । ମୁଁ ଏହି ଆଶାକୁ କଦାପି ନିଜେ ମାରିଦେଇ ପାରିବି ନାହିଁ । ମୋତେ ସ୍ୱୀକାର କରିବାକୁ ହେବ ଯେ ମୋ'ର ଆଶାକୁ ଯୁକ୍ତିଯୁକ୍ତ ବୋଲି ଦେଖାଇବାକୁ ମୁଁ କୌଣସି ଚାକ୍ଷୁଷ ପ୍ରମାଣ ଦେଇ ପାରିବି ନାହିଁ । ମାତ୍ର ମୋ' ଜୀବନରେ ପରାଜୟ ଲାଗି କୌଣସି ସ୍ଥାନ ନାହିଁ ।

ଭବିଷ୍ୟତରେ କ'ଣ ଘଟିବ, ଆଗରୁ ତାହାକୁ ନେଇ ଅନୁମାନ କରିବାକୁ ମୋର ଇଚ୍ଛା ହୁଏନାହିଁ । ବର୍ତ୍ତମାନକୁ ନେଇ କାର୍ଯ୍ୟ କରିବା—ତାହାହିଁ ମୋ'ର କାର୍ଯ୍ୟ ହୋଇ ରହିଥାଏ । ପରବର୍ତ୍ତୀ ହୋଇ ଯେଉଁ ମୁହୂର୍ତ୍ତଟି ଆସୁଛି, ତା' ଉପରେ ମୋତେ ଭଗବାନ କୌଣସି ନିୟନ୍ତ୍ରଣ ଶକ୍ତି ଦେଇନାହାନ୍ତି ।

ଏକଥା ସତ ଯେ ଅନେକ ସମୟରେ ମୁଁ ସହାୟଶୂନ୍ୟ ହୋଇପଡ଼ିଛି । ଅନେକ ବ୍ୟକ୍ତି ମୋତେ ପ୍ରତାରିତ କରିଛନ୍ତି ଓ ଅନେକେ ଅସଲ ବେଳରେ ଛାଡ଼ି ଚାଲିଯାଇଛନ୍ତି । ମାତ୍ର, ସେମାନଙ୍କ ସହିତ ସମ୍ପର୍କରେ ଆସିଥିଲି ବୋଲି ମୁଁ ଆଦୌ ଅନୁତାପ କରୁନାହିଁ । କାରଣ, ମୁଁ ଯେପରି ସହଯୋଗ କରି ଜାଣିଛି, ଠିକ୍ ସେହିପରି ଅସହଯୋଗ ବି କରି ଜାଣିଛି । ସଂସାରରେ ବାଟ ଚାଲିବାର ସବୁଠାରୁ ଅଧିକ ବ୍ୟବହାରିକ ଓ ଅଧ ସମ୍ମାନଜନକ ଉପାୟ ହେଉଛି, ଅନ୍ୟମାନେ ଯାହା କହୁଛନ୍ତି, ସେମାନଙ୍କୁ ସେହି କଥା ଅନୁସାରେ ବିଶ୍ୱାସ କରିବ । ଯେତେବେଳେ ତୁମ ପାଖରେ ଅବିଶ୍ୱାସ କରିବାଲାଗି କୌଣସି ଯଥାର୍ଥ କାରଣ ନାହିଁ, ସେମାନଙ୍କର କଥାଗୁଡ଼ିକ ଉପରେ ବିଶ୍ୱାସ ରଖିବା । ବିଶ୍ୱାସ କରିବାରେ ହିଁ ମୋ'ର ଆସ୍ଥା ରହିଛି । ବିଶ୍ୱାସ କଲେ ବିଶ୍ୱାସ ମିଳେ । ସନ୍ଦେହ ଭିତରେ ଦୁର୍ଗନ୍ଧ ଭରି ରହିଥାଏ ଏବଂ ତାହା କେବଳ ଗନ୍ଧାଉଥାଏ । ଆସ୍ଥା ରଖିଥିବା ଲୋକ ଏପର୍ଯ୍ୟନ୍ତ ପୃଥିବୀରେ କେବେହେଲେ ହାରିଯାଇ ନାହିଁ ।

କେହି ପ୍ରତିଶ୍ରୁତି ଦେଇ ପ୍ରତିଶ୍ରୁତି ଭାଙ୍ଗିଦେଲେ ମୋ'ର ମୂଳ ସତେଅବା ଦୋହଲି ଗଲାପରି ଲାଗେ ବିଶେଷତଃ ପ୍ରତିଶ୍ରୁତି-ଭଙ୍ଗକାରୀ ସହିତ ମୁଁ କୌଣସି ପ୍ରକାରେ ସମ୍ପୃକ୍ତ ହୋଇ ରହିଥିଲେ ମୁଁ ଅଧିକ ପରିମାଣରେ ଦୋହଲିଯାଏ । ମୋତେ ତ ଆସି ସତୁରିବର୍ଷ ହେଲାଣି, ତେଣୁ ତାହା ଲାଗି ବୀମା କରିବାର ବୟସ ମଧ ଚାଲିଗଲାଣି ; ତେଣୁ ମୋତେ ଜୀବନ ଦେବାକୁ ପଡେ, ତେବେ ଏକ ପବିତ୍ର ଏବଂ ଗମ୍ଭୀର ପ୍ରତିଶ୍ରୁତି ଯେପରି ଯଥାର୍ଥ ଭାବରେ ରଖାଯାଇ ପାରିବ, ସେଥିଲାଗି ମୁଁ ଅତ୍ୟନ୍ତ ଇଚ୍ଛୁକଭାବରେ ନିଜର ଜୀବନ ଦେବାକୁ ମଧ ପ୍ରସ୍ତୁତ ହୋଇଯିବି ।

ମୋ'ର ଯେତେଦୂର ମନେ ପଡୁଛି, ମୋ'ର ସାଧାରଣ ତଥା ବ୍ୟକ୍ତିଗତ ଜୀବନରେ ମୁଁ କେବେହେଲେ ପ୍ରତିଶ୍ରୁତି ଦେଇ ତାହାକୁ ଭଙ୍ଗ କରିନାହିଁ ।

ମନୁଷ୍ୟର ପ୍ରକୃତିକୁ ମୁଁ ଯେତେ ଭଲ ଭାବରେ ବୁଝେ, ଆଉ କେହିହେଲେ ସେପରି ବୁଝି ପାରନ୍ତିନାହିଁ ବୋଲି ମୁଁ ଦାବି କରିଥାଏ ବୋଲି ଲୋକମାନେ କହନ୍ତି, ମୋର ଦାବିଟିକୁ ମୁଁ ଏକାନ୍ତ ଯଥାର୍ଥ ବୋଲି ବିଶ୍ୱାସ କରୁଛି ; ମାତ୍ର ମୁଁ ଠିକ୍ କରୁଛି ଓ ଠିକ୍ ପଦ୍ଧତିଗୁଡ଼ିକର ଅନୁସରଣ କରୁଛି ବୋଲି ଯଦି ମୋର ବିଶ୍ୱାସ ନଥାଏ, ତେବେ ବ୍ୟାପାରଗୁଡ଼ିକର ସର୍ବୋଚ୍ଚ ସ୍ଥାନରେ ରହିବା ନିମନ୍ତେ ମୋ'ର ପ୍ରକୃତରେ କୌଣସି ଯୋଗ୍ୟତା ନ ଥାନ୍ତା ।

ଯଦି ମୋ'ର ନେତୃତ୍ୱ ବୋଲି କିଛି ରହିଥାଏ, ତେବେ ତାହା ବିଷୟରେ ମୁଁ ଏତିକି କହିବି ଯେ, ଆଉ କିଛିର ଲାଳସା ରଖି ତାହା ଜନ୍ମଲାଭ କରିନାହିଁ, ଆନ୍ତରିକଭାବରେ ସେବା କରିବାର ଫଳସ୍ୱରୂପ ତାହା ସମ୍ଭବ ହୋଇଛି । ଜଣେ ମନୁଷ୍ୟ ପକ୍ଷରେ ତା'ରି ଚମର ରଙ୍ଗକୁ ପରିହାର କରିବା ଯେତିକି ଅସମ୍ଭବ, ଏହି ନେତୃତ୍ୱକୁ ପରିହାର କରିବା ମଧ ଠିକ୍ ସେତିକି ଅସମ୍ଭବ ହେବ । ମୁଁ ଯେହେତୁ ଜାତିର ଜୀବନରେ ଏକ ଅଙ୍ଗୀଭୂତ ଅଂଶରେ ପରିଣତ ହୋଇ ସାରିଲିଣି, ମୋ'ର ସକଳ ଦୋଷ ଏବଂ ଭାବ ସଙ୍ଗେ ଜାତିକୁ ମୋତେ ତଥାପି ସ୍ୱୀକାର କରିନେବାକୁ ହେବ । ସେହି ଦୋଷଗୁଡ଼ିକ ବିଷୟରେ ମୁଁ ସର୍ବଦା ଅତ୍ୟନ୍ତ ଦୁଃଖର ସହିତ ସଚେତନ ହୋଇ ରହିଛି ; ଆହୁରି ଅନେକ ଦୋଷ ଓ ଅଭାବ, ଯେଉଁଗୁଡ଼ିକ ବିଷୟରେ ସରଳ ସମୀକ୍ଷକମାନେ ମୋତେ ସର୍ବଦା ସ୍ମରଣ କରି ଦେଇଥାନ୍ତି ସେଥିଲାଗି ସେମାନଙ୍କୁ ମୁଁ ଧନ୍ୟବାଦ ଦେଉଛି । ମୁଁ ସେଗୁଡ଼ିକ ବିଷୟରେ ମଧ ସଚେତନ ରହିଛି ।

ଜଣେ ଖରାପ ବଢ଼େଇ ହିଁ ତାର ନିହଣ ଓ ବାରିସି ପ୍ରଭୃତି ସହିତ ଝଗଡା କରୁଥାଏ । ଜଣେ ଅଯୋଗ୍ୟ ସେନାପତି ତା' ନିଜର ଦୋଷଯୁକ୍ତ କର୍ମ ପରିଚାଳନା ସକାଶେ ନିଜ ଅଧିନରେ ଥିବା ଲୋକମାନଙ୍କୁ ଦୋଷ ଦେଇଥାଏ । ମୁଁ ଯେ ଜଣେ ଖରାପ ସେନାପତି ନୁହେଁ ମୋତେ ସେକଥା ଜଣାଅଛି । ମୋ' ନିଜର ସୀମାଗୁଡ଼ିକୁ ଜାଣି ପାରିବାର ଯଥେଷ୍ଟ ବୁଦ୍ଧି ମୋ'ଠାରେ ରହିଛି । ଯଦି ମୋତେ ସେହିପରି ଏକ ଅବସ୍ଥାର ସମ୍ମୁଖୀନ ହେବାକୁ ହୁଏ, ତେବେ ନିଜକୁ ଦେବାଳିଆ ବୋଲି ଘୋଷଣା କରିବା ସକାଶେ ଭଗବାନ ମୋତେ ନିଶ୍ଚୟ ଶକ୍ତି ଦେବେ । ପ୍ରାୟ ଅର୍ଦ୍ଧଶତାବ୍ଦୀ ହେଲା ଯେଉଁ କାର୍ଯ୍ୟଟି କରିବାଲାଗି ମୋତେ ଅନୁମତି ଦିଆଯାଇଛି, ସେଥିଲାଗି ମୋ'ର କୌଣସି ପ୍ରୟୋଜନ ନରହିଲେ ସେ ମୋତେ ଏହି ସଂସାରରୁ ମଧ 'ଡାକିକରି ନେଇଯିବେ । ମାତ୍ର ମୋର ଯେ ତଥାପି କେତେକ କାର୍ଯ୍ୟ କରିବାକୁ ବାକି ରହିଛି, ମୋର ଚତୁର୍ଦ୍ଦିଗରୁ ମୋତେ ଆଚ୍ଛାଦିତ କରି ରଖୁଥିବା ପରି ମନେ ହେଉଥିବା ଏହି ଅନ୍ଧକାର ଯେ ଦିନେ ଅନ୍ତର୍ହିତ ହୋଇଯିବ ଏବଂ ଦାଣ୍ଡି ଯାତ୍ରା ଠାରୁ ଅଧିକ ଦୀପ୍ତିମୟ ଆଉ ଗୋଟିଏ ସମର ଦ୍ୱାର ଅଥବା ତାହା ବ୍ୟତୀତ ମଧ ଭାରତବର୍ଷ ଯେ ଅହିଂସାର ମାର୍ଗକୁ ଅନୁସରଣ କରି ଦୃଶ୍ୟମାନ ଭାବରେ ତାର ଇପ୍ସିତ ଲକ୍ଷ୍ୟରେ ଯାଇ ଅବଶ୍ୟ ପହଞ୍ଚିବ, ମୋ ଭିତରେ ସେହି ଆଶାଟି ଅତ୍ୟନ୍ତ ଦୃଢ଼ ଭାବରେ ରହିଛି । ମୁଁ ସେହି ଆଲୋକ ଲାଗି ପ୍ରାର୍ଥନା କରୁଛି, ଯାହାକି ଏହି ଅନ୍ଧକାରକୁ ଦୂର କରିଦେବ । ଅହିଂସାରେ ଯେଉଁମାନଙ୍କର ଏକ ସଚଳ ବିଶ୍ୱାସ ରହିଛି, ସେମାନେ ମଧ ମୋ ସହିତ ଏହି ପ୍ରାର୍ଥନାରେ ଯୋଗ ଦିଅନ୍ତୁ ।

ମୋ' ସମ୍ମୁଖରେ ଯେଉଁ କାର୍ଯ୍ୟଟି ରହିଛି, ସେଇଟିକୁ ସମ୍ପନ୍ନ କରିବାରେ ହିଁ ମୋର ସନ୍ତୋଷ । ଯାବତୀୟ ବସ୍ତୁର କାହିଁକି ଓ କ'ଣ ପାଇଁ ଇତ୍ୟାଦିକୁ ନେଇ ମୁଁ ଆଦୌ ଚିନ୍ତିତ ହୁଏନାହିଁ । ଆମେ ଯେଉଁସବୁ ବିଷୟର ଗଭୀରରେ ଯାଇ ପହଞ୍ଚି ନପାରିବା, ସେଗୁଡ଼ିକୁ ନେଇ ବୃଥା ବ୍ୟସ୍ତ ନରହିବା ଉଚିତ ବୋଲି ଗ୍ରହଣ କରିନେବାରେ ଆମର ବୁଦ୍ଧି ଶକ୍ତି ଆମକୁ ସାହାଯ୍ୟ କରିଥାଏ ।

ପ୍ରତ୍ୟେକ ପୁରୁଷ ଓ ସ୍ତ୍ରୀ, ଶାରୀରିକ ଦୃଷ୍ଟିରୁ ସେ ଯେତେ ଅଳ୍ପବଳ ହୋଇଥାଉ ପଛକେ, ତା'ର ଆତ୍ମସମ୍ମାନ ଏବଂ ସ୍ୱାଧୀନତା ଲାଗି ଯେ ସେ ସ୍ୱୟଂ ପ୍ରହରୀ ହୋଇ ଅବଶ୍ୟ ରହିଥିବ, ମନୁଷ୍ୟ ପରିବାର, ମନରେ ଏହି ପ୍ରତ୍ୟୟଟିକୁ ଆଣିଦେଇ ପାରିଲେ ମୋର କାର୍ଯ୍ୟ ଶେଷ ହୋଇଯିବ । ଜଣେ ପ୍ରତିରୋଧକାରୀ ବ୍ୟକ୍ତିର ବିରୋଧରେ ହୁଏତ ସମଗ୍ର ଜଗତ ଦଣ୍ଡାୟମାନ ହେବାକୁ ଆସିଲେ ମଧ ସେ ତଥାପି ନିଜେ ନିଜର ରକ୍ଷା କରିବାଲାଗି ସମର୍ଥ ହେଉଥିବ । ଯେତେବେଳେ ମୋ' ଆଖିଦୁଇଟି ବନ୍ଦ ହୋଇଯିବ ଏବଂ ଏହି ଶରୀରରୂପୀ ଡେରାଟି ଅଗ୍ନିରେ ପଡ଼ି ଭସ୍ମ ହୋଇଯିବ, ସେତେବେଳେ ମଧ ମୋ କାର୍ଯ୍ୟ ବିଷୟରେ ଏକ ମତ ଘୋଷଣା କରିବା ନିମନ୍ତେ ତଥାପି ଯଥେଷ୍ଟ ସମୟ ରହିଥିବ ।

# ସ୍ୱର୍ବେଦ




ଓ୍ୱାଣୀ ଆଦି ମହାନ ହୈ, ରଚନା ବ୍ୟୋମ ମହାନ ।
ଦ୍ୟୋ ପୃଥ୍ୱୀ ଧାରକ ବନେ, ଜା ପର ଜୀଓ୍ୱ ଜହାନ ॥୧୩॥

ଭାଷ୍ୟ - ଆଦି ଅକ୍ଷର ମହାନ୍ ଅଟେ, ଯାହା ଦ୍ୱାରା ମହାନ୍ ଆକାଶର ନିର୍ମାଣ ହୋଇଛି । ଅନ୍ତରିକ୍ଷ ଓ ପୃଥ୍ୱୀର ଧାରଣକାରୀ ଅକ୍ଷରବ୍ରହ୍ମ ଅଟନ୍ତି । ସେହି ଅନ୍ତରିକ୍ଷ ଓ ପୃଥିବୀପୃଷ୍ଠରେ ସକଳ ଜୀବଜଗତ ସ୍ଥିତ ହୋଇଛି ।

ଜ୍ୟୋତୀୟ ଜାକର ସୂର୍ଯ୍ୟ ହୈ, ମେଘ ସର୍ଓ୍ୱ ପ୍ରଦ ଜାନ ।
ଜଲ କା ରାସି ସମୁଦ୍ର ହୈ, ପର୍ଓ୍ୱତ ଶୃଙ୍ଗ ମହାନ୍ ॥୧୪॥

ଭାଷ୍ୟ - ପୃଥିବୀ ମଣ୍ଡଳକୁ ପ୍ରକାଶ କରୁଥିବା ଶକ୍ତି ସୂର୍ଯ୍ୟ ଅଟନ୍ତି । ସୂର୍ଯ୍ୟକିରଣ ଦ୍ୱାରା ହିଁ ମେଘ ସୃଷ୍ଟିହୋଇ ପୃଥିବୀ ପୃଷ୍ଠରେ ବର୍ଷା ହୋଇଥାଏ । ଜଳରାଶି ସମୁଦ୍ର ଅଟେ ଏବଂ ପର୍ବତର ମହୀୟାନ୍ ଶିଖର ଅଟେ ।

ପର୍ଓ୍ୱତ ଉଚ୍ଚ ଉତ୍ତୁଙ୍ଗ ହୈ, ସାଗର ଧସା ପତାଲ ।
ବୀଚ ମେଁ କ୍ଷେତ୍ର ସମାନ ହୈ, ଓ୍ୱିଓ୍ୱିଧ ଓ୍ୱିଧାନ ଓ୍ୱିଶାଲ ॥୧୫॥

ଭାଷ୍ୟ - ପାହାଡ଼ର ସର୍ବୋଚ୍ଚ ଶିଖର ଅଟେ । ତଳେ ସାଗର ପ୍ରବାହିତ । ଏ ଦୁଇଟିର ମଧ୍ୟଭାଗରେ ସମତଳ ଭୂମି ରହିଛି । ଏମନ୍ତ ଭାବରେ ତଥା ନାନା ପ୍ରକାରରେ ଏହି ବିଶାଳ ପୃଥିବୀର ରଚନା ହୋଇଅଛି ।

ନଦ୍ଦ ନଦୀ ଝରନା ଚଲେ, ଧାରା ଶିଖର ସମାନ ।
କହୀଁ ନୀଚ କହିଁ ଊଁଚ ହୈ, ଲୀଲା ଦୃଶ୍ୟ ମହାନ୍ ॥୧୬॥

ଭାଷ୍ୟ - କେଉଁଠି ବଡ଼ ନଦୀସବୁ ବୋହି ଯାଉଛନ୍ତି ତ ଆଉ କେଉଁଠି ଛୋଟ ନଦୀସବୁ ବୋହି ଯାଉଛନ୍ତି । କେଉଁଠି ଶିଖରରେ ଜଳର ପ୍ରପାତ ରହିଛି ତ ଆଉ କେଉଁଠି ପାହାଡ଼ରୁ ଝରଣା ପ୍ରବାହିତ ହେଉଛି । କେଉଁଠି ପାହାଡ଼ ଅଛି, କେଉଁଠି ସମତଳ ଭୂମି ଅଛି - ଏ ସମସ୍ତ ମହାନ୍ ଦୃଶ୍ୟ ମହାପ୍ରଭୁଙ୍କର ଲୀଳା ଅଟେ । ଏହି ପ୍ରକାର ସମସ୍ତ ଜାଗତିକ ଦୃଶ୍ୟର ରଚନାକାର ସ୍ୱୟଂ ମହାପ୍ରଭୁ ଅଟନ୍ତି ।

ଅରଣ୍ୟ ବୃକ୍ଷ ବହୁ ଭାଁତି କେ, ବହୁତ ଭାଁତି ଛଓ୍ୱି ଛାୟ ।
ଓ୍ୱିଓ୍ୱିଧ ଫୂଲ ଫଲ ଶୋଭହୀ, ଲତା ଗୁଲ୍ମ ଫୈଲାୟ ॥୧୭॥

ଭାଷ୍ୟ - ବଣରେ ଅନେକ ପ୍ରକାରର ବୃକ୍ଷ ନାନା ପ୍ରକାରର ଶୋଭାରେ ଯୁକ୍ତ ହୋଇଛନ୍ତି ଓ ସେ ସମସ୍ତ ବଣ ବିବିଧ ପ୍ରକାରର ଫୁଲ, ଫଳ ଆଉ ଗୁଳ୍ମ ଲତାରେ ଭରି ରହିଛନ୍ତି । ଏ ସମସ୍ତ ପ୍ରାକୃତିକ ସୌନ୍ଦର୍ଯ୍ୟ ସେହି ମହାପ୍ରଭୁଙ୍କର ଅଦ୍ଭୁତ ଶକ୍ତିର ପରିଚୟ ଦେଇଥାନ୍ତି ।

ରୂପ ଗୁଣ ଗଣ ଭେଦ ହୈଁ, ରଚନା ଓ୍ୱିଓ୍ୱିଧ ପ୍ରକାର ।
କହୀଁ କାଁଚ ହୀରା ବନେ, ଅମୃତ ଓ୍ୱିଷ ସଂସାର ॥୧୮॥

ଭାଷ୍ୟ - ଅନେକ ସ୍ୱରୂପ ଗୁଣ ସମୂହର ଭେଦରୁ ବିବିଧ ପ୍ରକାରର ରଚନା ସୃଷ୍ଟି ହୋଇଛି । ଏ ସଂସାରରେ କେଉଁଠି ହୀରା ତିଆରି ହୋଇଥାଏ ତ କେଉଁଠି ଅମୃତ ଆଉ କେଉଁଠି ବିଷ । ଏପରି ଅନେକ ଗୁଣଗୁଡ଼ିକରେ ଯୁକ୍ତହୋଇ ଏହି ବିଶାଳ ସୃଷ୍ଟିର ରଚନା ହୋଇଛି ।

ସୃଷ୍ଟି ପଦାରଥ ସକଲ ଓ୍ୱେ, କରେଁ ସଦା ଗୁଣଗାନ ।
ପର୍ଣ ପର୍ଣ ସେ ଅମି ଝରେ, କଣା କଣା ସେ ଜ୍ଞାନ ॥୧୯॥

ଭାଷ୍ୟ - ସୃଷ୍ଟିର ସମସ୍ତ ପଦାର୍ଥ ପ୍ରଭୁଙ୍କର ଗୁଣଗାନ କରିଥାନ୍ତି ଏବଂ ତାଙ୍କର କରୁଣାରୁ ପତ୍ରରେ ପତ୍ରରେ ଅମୃତ ଝରୁଅଛି । ଛୋଟ ଛୋଟ ରଜବିନ୍ଦୁରୁ ସେହି ପ୍ରଭୁ ସତ୍ତାର ଜ୍ଞାନ ହେଉଅଛି । ସୃଷ୍ଟିର ସମସ୍ତ ପଦାର୍ଥମାନଙ୍କ ଦ୍ୱାରା ଅବ୍ୟକ୍ତ ଚେତନ ଅସ୍ତିତ୍ୱର ବୋଧ ହେଉଅଛି ।

ଜିଓ୍ୱ ଅନନ୍ତ ସଂସାର କେ, କୀରୀ କୁର ଆୟ ।
ଭୋଜନ ନିତ ସବକୋ ମିଲୈ, ପାଲନ ପୋଷଣ ପାୟ ॥୨୦॥

ଭାଷ୍ୟ - ପ୍ରଭୁଙ୍କର ମହାନ୍ ସତ୍ତାରେ ସଂସାରର କୃମିରୁ ଆରମ୍ଭ କରି ହସ୍ତୀ ପର୍ଯ୍ୟନ୍ତ ଅନନ୍ତ ଜୀବମାନଙ୍କୁ ଭୋଜନ ପ୍ରାପ୍ତ ହେବା ସାଂଗକୁ ସମସ୍ତଙ୍କର ପାଳନ ପୋଷଣ ହେଉଛି ।

ଅଦ୍‌ଭୁତ ଲୀଲା ପୁରୁଷ କୀ, ମହିମା ସର୍ଓ୍ୱ ମହାନ୍ ।
ଦେଓ୍ୱ ସଦାଫଲ ଜ୍ଞାନମୟ, ଜନ ଅଧୀନ ଗୁଣ ଗାନ ॥୨୧॥

ଭାଷ୍ୟ - ସୃଷ୍ଟିର ଅଦ୍‌ଭୁତ ରଚନା ସେହି ପରମ ପୁରୁଷଙ୍କର ମହତି ମହିମା ଅଟେ । ସଦ୍‌ଗୁରୁ ଶରଣାଗତ ଅଧିକାରୀ ହଂସ ଜ୍ଞାନଯୁକ୍ତ ହୋଇ ପରମ ପ୍ରଭୁଙ୍କର ଗୁଣଗାନ କରିଥାନ୍ତି ।

# ଗୁରୁଜନମାନଙ୍କୁ ସମ୍ମାନ ଓ ଆଦର କରନ୍ତୁ

ଭାରତୀୟ ସମାଜରେ ବରିଷ୍ଠ ନାଗରିକମାନଙ୍କୁ ସମ୍ମାନ ଓ ଆଦର କରିବାର ପରଂପରା ରହିଛି । କହିବାକୁ ଗଲେ ସେମାନେ ମଧ ପ୍ରେମ ଓ ସମ୍ମାନର ଅଧିକାରୀ, କିନ୍ତୁ ପ୍ରକୃତରେ ସେମାନେ ଶୋଚନୀୟ ଭାବେ ଉପେକ୍ଷିତ । 'ରିସର୍ଚ୍ଚ ଆଣ୍ଡ ଆଡଭୋକେସୀ ସେଣ୍ଟର ଅଫ ଏଜ୍ ଓ୍ୱେଲ ଫାଉଣ୍ଡେସନ' ଦ୍ୱାରା କରାଯାଇଥିବା ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଆଜି ଯୁବା ପିଢ଼ି କେବଳ ବରିଷ୍ଠ ପରିଜନଙ୍କ ପ୍ରତି ବେପରୁଆ ନୁହନ୍ତି, ବରଂ ସେମାନେ ସେହି ଲୋକମାନଙ୍କ ସମସ୍ୟାଗୁଡ଼ିକ ପ୍ରତି ଜାଗରୂକ ମଧ ନୁହନ୍ତି । ସେମାନେ ପଡ଼ୋଶୀ ଗୁରୁଜନଙ୍କ ପ୍ରତି ତ ସମ୍ମାନ ଦେଖାଇବାରେ ତତ୍ପର ହୋଇଥାନ୍ତି, କିନ୍ତୁ ନିଜ ଘରେ ଥିବା ଗୁରୁଜନଙ୍କୁ ଉପେକ୍ଷା କରିଥାନ୍ତି ତଥା ସେମାନଙ୍କୁ ଅଣଦେଖା କରିଥାନ୍ତି । ଏକ ସର୍ବେକ୍ଷଣ ଅନୁସାର ୫୯.୩ ପ୍ରତିଶତ ଲୋକ ମାନନ୍ତି ଯେ ସମାଜ ଓ ଘରେ ବୃଦ୍ଧମାନଙ୍କ ସହିତ ବ୍ୟବହାରରେ ବିରୋଧାଭାସ ରହିଛି । କେବଳ ୧୪ ପ୍ରତିଶତ ମାନନ୍ତି ଯେ ଘର ହେଉ ବା ବାହାର, ଉଭୟ ସ୍ଥାନରେ ବୃଦ୍ଧମାନଙ୍କ ସ୍ଥିତି ଏକା ଭଳି, ସେଥିରେ କୌଣସି ଅନ୍ତର ନାହିଁ । ଯଦ୍ୟପି ୨୩ ପ୍ରତିଶତଙ୍କ ଅନୁସାର ଘରେ ବୟୋବୃଦ୍ଧମାନଙ୍କ ସମ୍ମାନ ଲୋପ ହୋଇଗଲାଣି । କିଛି ପ୍ରତିଶତ ଲୋକଙ୍କ ଅନୁସାରେ ଘରେ ବୟୋବୃଦ୍ଧମାନଙ୍କୁ ସମ୍ମାନ ଦିଆଯାଉଛି, ସେ କଥା ଅଲଗା ।

ବାସ୍ତବତା ହେଉଛି ପରିବାରର ସଦସ୍ୟ ନିଜ ଘରେ ବୟୋବୃଦ୍ଧମାନଙ୍କୁ ସେତେ ଗୁରୁତ୍ୱ ଦିଅନ୍ତି ନାହିଁ, ଏହା ସତ୍ତ୍ୱେ ବୃଦ୍ଧମାନେ ସେମାନଙ୍କ ଉପରେ ନିଜର ଅଧିକାର



ସାବ୍ୟସ୍ତ କରିବାକୁ ମଧ ଚାହିଁ ନଥାନ୍ତି । ସେମାନେ ସେହି ବୟସରେ ମଧ ସକ୍ରିୟ ରହିବାକୁ ଚାହାନ୍ତି । ଅତୀତରେ ସଂପନ୍ନ ହୋଇଥିବା ଗବେଷଣା ଅଧ୍ୟୟନ ଅନୁସାରେ ୫୦ ପ୍ରତିଶତରୁ ଅଧିକ ବୟୋବୃଦ୍ଧ ଲୋକ ମାନନ୍ତି ଯେ କାର୍ଯ୍ୟସ୍ଥଳ ଗୁଡ଼ିକରେ ବି ସେମାନଙ୍କ ସହିତ ଭେଦଭାବ ହୋଇଥାଏ, ଯାହା ଫଳରେ ସେମାନଙ୍କ ପଦୋନ୍ନତି ମଧ ବହୁତ ପ୍ରଭାବିତ ହୋଇଥାଏ ।

ତାତ୍ପର୍ଯ୍ୟ ହେଲା ବୟୋବୃଦ୍ଧମାନେ ପ୍ରତ୍ୟେକ ଜାଗାରେ ଉପେକ୍ଷିତ ହୋଇଥାନ୍ତି ଏବଂ ଆଜିର ଯୁବା ପିଢ଼ି ସେମାନଙ୍କୁ ବେକାର ଜିନିଷ ମାନିଥାନ୍ତି । ସେମାନେ ଏହା ଚିନ୍ତା କରନ୍ତି ନାହିଁ ଯେ ସେମାନଙ୍କ ଅନୁଭବ ତାଙ୍କ ପାଇଁ କେତେ ମୂଲ୍ୟବାନ୍, ଯାହା ତାଙ୍କର ଜୀବନରେ ପାଦେ ପାଦେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇଥାଏ । ଦେଖିବାକୁ ସଂଯୁକ୍ତ ପରିବାର ପ୍ରତି ଯେଉଁ ପ୍ରତିବଦ୍ଧତା ଯୁବାମାନଙ୍କ ଠାରେ ଷାଠିଏ-ସତୁରୀ ଦଶକ ପର୍ଯ୍ୟନ୍ତ ଦେଖାଯାଉ ଥିଲା, ଆଜି ତାହାର ଏକ ଚତୁର୍ଥାଂଶ ଭାଗ ମଧ ଦେଖାଯାଉ ନାହିଁ । ଅନେକ ମହିଳା ମାନନ୍ତି ଯେ ଯେଉଁଠି ପରିବାରର ପ୍ରଶ୍ନ ଉଠେ, ଆମର ପରିବାର ତ ମୁଁ, ମୋର ପତି ଓ ମୋର ପିଲାମାନଙ୍କ ମଧରେ ସୀମିତ ହୋଇଯାଇଛି । ଶାଶୁ-ଶଶୁର ଓ ଦିଅର, ନଣନ୍ଦ ଆମ ପରିବାରରେ ଅନ୍ତର୍ଭୁକ୍ତ ନୁହନ୍ତି । ବିଡମ୍ବନା ହେଲା, ପତ୍ନୀର କଥନରେ ସଂପୂର୍ଣ୍ଣ ଭାବେ ପତି ମଧ ଏକମତ ହୋଇଯାନ୍ତି । ଏପରି ସ୍ଥିତିରେ ସଂଯୁକ୍ତ ପରିବାରର କଳ୍ପନା କରିବା ବ୍ୟର୍ଥ । ଏହା ଦ୍ୱାରା ପରିବାରର ବୟୋବୃଦ୍ଧମାନେ ଅଧିକ ପ୍ରଭାବିତ ହୋଇଥାନ୍ତି । ଏଥିରେ ଦ୍ୱିମତ ନାହିଁ ଯେ ଆଜିକୁ ୪୦-୫୦ ବର୍ଷ ପୂର୍ବରୁ ଯେଉଁ ସମ୍ମାନ ଓ ସୁରକ୍ଷା ପରିବାର ମଧରେ ବୟୋବୃଦ୍ଧମାନଙ୍କୁ ମିଳୁଥିଲା, ତାହା ଆଜି ନାହିଁ । ବୟୋବୃଦ୍ଧମାନଙ୍କ ପ୍ରତି ସମ୍ମାନର ଭାବନା ଆମ ସଂସ୍କୃତି ଓ ପରଂପରାକୁ ଦର୍ଶାଇଥାଏ । ଏହାର ଶ୍ରେୟ ମଧ ସଂଯୁକ୍ତ ପରିବାର ପ୍ରଥାକୁ ଯାଇଥାଏ । ଭାରତୀୟ ସଂଯୁକ୍ତ ପରିବାର ପ୍ରଥାରେ ବୃଦ୍ଧମାନଙ୍କ ସ୍ଥାନ ସମ୍ମାନଜନକ ଥିଲା । ପରିବାରର ମୁଖ୍ୟଙ୍କୁ ବିଶିଷ୍ଟ ପରାମର୍ଶଦାତା ଓ ନିୟନ୍ତ୍ରକ ରୂପେ ଗ୍ରହଣ କରାଯାଇଥାଏ । ପାଶ୍ଚାତ୍ୟ ପ୍ରଭାବ, ସହରୀକରଣ ଓ ବୈଶ୍ୱୀକରଣର ଏହି ସମୟରେ ସଂଯୁକ୍ତ ପରିବାର ପ୍ରଥାକୁ ଶୋଚନୀୟ ଭାବେ ଦୋହଲାଇ ଦେଇଛି । ଆମର ଏଠାରେ ସଂଯୁକ୍ତ ପରିବାର ଭାଙ୍ଗିବାରେ ଲାଗିଛି, ଯଦ୍ୟପି ପାଶ୍ଚାତ୍ୟ ଜଗତରେ ଆମର ସଂଯୁକ୍ତ ପରିବାର ପ୍ରଥାକୁ ଏକାକୀ ଜୀବନରୁ ମୁକ୍ତି ପାଇବାର ଏକ ସଫଳ ଉପାୟ ବୋଲି ଗ୍ରହଣ କରାଯାଉଛି ।

ଆଜିର ସମୟର ସବୁଠାରୁ ମୁଖ୍ୟ ଆବଶ୍ୟକତା ହେଉଛି ବୟୋବୃଦ୍ଧମାନଙ୍କ ସମସ୍ୟାଗୁଡିକ ପ୍ରତି ବ୍ୟାବହାରିକ ଦୃଷ୍ଟିକୋଣ ଗ୍ରହଣ କରିବା, ଯାହା ଫଳରେ ସେମାନେ ମନୋବୈଜ୍ଞାନିକ ଓ ଭାବନାତ୍ମକ ରୂପେ ନିଜକୁ ସମାଜ ଏବଂ ପରିବାର ଠାରୁ ଅଲଗା ହେବାର ଅନୁଭବ କରିବେ ନାହିଁ ।

# ରକ୍ତ ସଞ୍ଚାଳନକୁ ସନ୍ତୁଳିତ ରଖେ କଲରା

କଲରାରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ଭରି ରହିଛି । ବିଶେଷଭାବରେ ଏହା ରକ୍ତ ସଞ୍ଚାଳନକୁ ସନ୍ତୁଳିତ ରଖିଥାଏ । କେବଳ ସେତିକି ନୁହେଁ, ଏଥିରେ ଥିବା ତତ୍ତ୍ୱ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ । ଏଥିରେ ଭିଟାମିନ୍ ଏ ଥିବାରୁ ଏହା ଶରୀରରେ ଚର୍ମ ଗଠନ କରିଥାଏ । ପ୍ରତିଦିନ କଲରା ଖାଇବା ଆଖି ପାଇଁ ମଧ ମହୌଷଧି ସଦୃଶ କାମ କରେ । ହାର୍ଟ ଏବଂ ଡାଇବେଟିସ ରୋଗୀମାନେ ଏହାକୁ ପ୍ରତିଦିନ ଖାଦ୍ୟରେ ସାମିଲ କରିବା ନିହାତି ଆବଶ୍ୟକ । କାରଣ ଏହାକୁ ଖାଇବା ଦ୍ୱାରା ରକ୍ତରେ ଶର୍କରାର ପରିମାଣ କେତେକାଂଶରେ କମିଥାଏ । କିଛି ଲୋକ ଏଥିପାଇଁ କଲରା ଜୁସ୍‌କୁ ବି ପିଇଥାନ୍ତି । ଇନ୍‌ସୁଲିନ୍ କ୍ଷରଣକୁ ମଧ ଏହା ସନ୍ତୁଳିତ ରଖିଥାଏ । ଉଚ୍ଚ ରକ୍ତଚାପ, ଆଜ୍‌ମା ଭଳି ମାରାତ୍ମକ ରୋଗକୁ କିଛି ମାତ୍ରାରେ କମାଇଥାଏ କଲରା । ଏଥିରେ କ୍ୟାଲୋରୀ, ଫ୍ୟାଟ୍ ଏବଂ କାର୍ବୋହାଇଡ୍ରେଟ୍ ରହିଛି, ଯାହା ଶରୀରର ଓଜନକୁ ସନ୍ତୁଳିତ ରଖେ । ଏହା ସହ ଯକୃତରୁ ବାଇଲ୍ ଏସିଡ୍ କ୍ଷରଣ କରିଥାଏ । ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ସନ୍ତୁଳିତ ରଖେ କଲରା । ଏହାକୁ ନିୟମିତ ଖାଇଲେ ତାହା ଆଲର୍ଜି ହେବାକୁ ଦିଏନାହିଁ । କ୍ଷତ ସ୍ଥାନକୁ ଶୀଘ୍ର ପୂରଣ କରିବା ସହ ରକ୍ତ ପରିଷ୍କାର କରେ । ଆମର ପାଚନ କ୍ରିୟା ସକ୍ରିୟ ରହିବା ନିହାତି ଦରକାର । କଲରା ଏଥିରେ ମଧ ସାହାଯ୍ୟ କରିଥାଏ ।



# ସୁନିଦ୍ରାର ସହଜ ଉପାୟ

ଦିନତମାମ ପରିଶ୍ରମ ଅନୁସାରେ ଜଣେ ବ୍ୟକ୍ତି ଅତିକମ୍‌ରେ ୬-୭ ଘଣ୍ଟା ଶୋଇବା ନିହାତି ଦରକାର । ଯଦି ଜଣେ ବ୍ୟକ୍ତି ନିୟମିତ ଅଙ୍ଗୁର ଖାଉଛନ୍ତି ତେବେ ତାଙ୍କୁ ଭଲ ନିଦ ହୋଇଥାଏ । ଅଙ୍ଗୁରରେ ଭିଟାମିନ୍ 'ସି' ଭରି ରହିଛି, ଯାହା ଆମର ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ ରଖିଥାଏ । ଏହାକୁ ଖାଇଲେ ବ୍ଲଡ଼ପ୍ରେସର ସନ୍ତୁଳିତ ରହିଥାଏ । ଏଥିରେ ଥିବା ଫାଇବର୍ ମାତ୍ରାକୁ ନିୟନ୍ତ୍ରଣରେ ରଖେ । ଅଙ୍ଗୁରରେ କୋଲେଷ୍ଟରଲ୍‌ର ଭିଟାମିନ୍ 'କେ', କ୍ୟାଲସିୟମ୍ ପୋଟାସିୟମ୍ ଓ ମ୍ୟାଗ୍ନେସିୟମ୍ ଥିବାରୁ ଏହା ଅସ୍ଥି ଓ ମଜ୍ଜାକୁ ଶକ୍ତ ରଖିଥାଏ । ତା'ସହ ଆଣ୍ଠୁଗଣ୍ଠି ସମସ୍ୟାଠାରୁ ମଧ କେତେକାଂଶରେ ଦୂରେଇ ରଖେ ।

## ଟିକିଏ ହସନ୍ତୁ

ନିର୍ବାଚନ ସମୟ ଭୋଟ ମାଗିବାକୁ ନେତା ବସ୍ତିକୁ ଗଲେ ।
**ନେତା:** ଏଠି ଏତେ ଦୁର୍ଗନ୍ଧ କ'ଣ ହେଉଛି ? ବସ୍ତି ସଫା କରିବାକୁ କେହି କର୍ମଚାରୀ ଆସନ୍ତି ନାହିଁ ?
**ରାମୁ କାକା:** ହଁ ଆସନ୍ତି । ହେଲେ ପାଞ୍ଚ ବର୍ଷରେ ଥରେ ।

× × ×

**ଝିଅ:** ତୁମର କଥା ବହୁତ ସୁନ୍ଦର ।
**ପୁଅ:** ଆଗକୁ ଚାଲନ୍ତୁ ଭଉଣୀ । ମୁଁ ଆପଣଙ୍କର ରିଚାର୍ଜ କରିପାରିବିନି ।

× × × × ×

**ସ୍ତ୍ରୀ:** ତୁମେ ଟିକେ ବି ଶିଷ୍ଟାଚାର ଶିଖିନ । ମୁଁ ଘଣ୍ଟାଏ ହେବ କହି ଚାଲିଛି ତୁମେ କିଛି ନ କହି ହାଇ ମାରୁଛ ।
**ସ୍ୱାମୀ:** ମୁଁ ହାଇ ମାରୁ ନ ଥିଲି । କହିବାକୁ ଚେଷ୍ଟା କରୁଥିଲି । କିନ୍ତୁ ତୁମେ ମତେ କହିବାକୁ ତ ସୁଯୋଗ ଦେଲେ କ'ଣ କହିବି ?

× × × ×

**ସ୍ତ୍ରୀ:** ତୁମେ ମୋ ନାଁ ଧରି ଡାକୁଛ । ଏବେ ପିଲା ବି ମତେ ମୋ ନାଁ ଧରି ଡାକିବା ଆରମ୍ଭ କଲେଣି ।
**ସ୍ୱାମୀ:** ଠିକ୍ ଅଛି କାଲିଠାରୁ ମୁଁ ତୁମକୁ ମମି ଡାକିବି ।



× × × ×

ରମେଶ ଘର ଦେଖିବାକୁ ଯାଇଥାଏ ।
ଘରବାଲା ଘର ଦେଖେଇ କହିଲେ: ଏ ଘରର ଭଡା ୧୦୦୦ଟଙ୍କା ।
**ରମେଶ:** ହେଲେ ଏ ଘରେ ତ ଖାଲି ମୂଷା ନାଚୁଛନ୍ତି ।
ଘରବାଲା: ଏତିକି ଟଙ୍କାରେ ଆଉ କ'ଣ ମଲ୍ଲିକା ଶେରାଓ୍ୱତ ଆସି ନାଚିବ ।

× × × × ×

**ସ୍ତ୍ରୀ ସ୍ୱାମୀଙ୍କୁ :** ଜାଣିଛ, ଆଜି ଖବରକାଗଜରେ ପଢ଼ିଲି ଜଣେ ବ୍ୟକ୍ତି ସାମାନ୍ୟ ସାଇକେଲ କିଣିବା ପାଇଁ ନିଜ ସ୍ତ୍ରୀକୁ ବିକିଦେଲେ ।
**ସ୍ୱାମୀ:** ଓଃ ।
**ସ୍ତ୍ରୀ:** ତମେ ଏମିତି କରିବନିତ ?
**ସ୍ୱାମୀ:** ମୁଁ କ'ଣ ଏତେ ବୋକା ? ତମ ବଦଳରେ ମୁଁ ତ କାର୍ କିଣିବି ।

× × × × ×

**ସ୍ତ୍ରୀ ସ୍ୱାମୀଙ୍କୁ:** ପୁଅ ଆମର ପୂରା ବିଗିଡି ଗଲାଣି । ଘରେ ଯେଉଁଠି ଟଙ୍କା ରଖିଲେ ବି ଚୋରି କରି ନେଇ ଯାଉଛି ।
**ସ୍ୱାମୀ:** ଗୋଟେ କାମ କର, ସେ ପାଠ ଚୋରର ବହି ଭିତରେ ଟଙ୍କା ରଖ । ଦେଖିବ ପରୀକ୍ଷା ଯାଏଁ ସେ ଖୋଜିକି ପାଇବନି ।

## ଖଜୁରୀର ଉପକାରିତା

ବିଭିନ୍ନ ବ୍ୟଞ୍ଜନକୁ ସୁଆଦିଆ କରିବା ନିମନ୍ତେ ଖଜୁରୀ କୋଳିର ଉପଯୋଗ କରାଯାଇଥାଏ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ଏହି ଫଳଟି ଖାଇବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ । ଭିଟାମିନ୍ ଏ, ଫୋଲିକ୍ ଏସିଡ୍ ଓ ଫାଇବର ଭରପୂର ଏଇ ଖଜୁରି କୋଳି ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ ।

ଉପବାସ କରିଥିଲେ ତହିଁ ପରଦିନ ଖଜୁରୀ କୋଳି ଖାଇଲେ ଶରୀରକୁ ପ୍ରଚୁର ପରିମାଣରେ ଶକ୍ତି ମିଳିଥାଏ । ଉପବାସରେ ଆମ ଶରୀରର ହଜମ



ପ୍ରକ୍ରିୟା ଧୀର ଭାବେ କାମ କରେ । ଏଣୁ ଖଜୁରୀ ଖାଇବା ଦ୍ୱାରା ତାହା ଶରୀରକୁ ପର୍ଯ୍ୟାପ୍ତ ଶକ୍ତି ଯୋଗାଉଥିବାର ବିଶେଷଜ୍ଞଙ୍କ ମତ ।

ଖଜୁରୀରେ ଥିବା ପୋଷକତତ୍ତ୍ୱ ମଧ କୋଷ୍ଠକାଠିନ୍ୟରୁ ରକ୍ଷା କରିଥାଏ ।

ଏହି ଫଳ ଖାଇବା ଦ୍ୱାରା ରୋଗପ୍ରତିରୋଧକ ଶକ୍ତି ବଢ଼ିବା ସହ ତ୍ୱଚା ଓ କେଶ ପାଇଁ ମଧ ଉତ୍ତମ ଖୋରାକ୍ ଅଟେ । ଖଜୁରୀରେ ଥିବା ପୋଟାସିୟମ୍ ଓ ମ୍ୟାଗ୍ନେସିୟମ ରକ୍ତଚାପ ନିୟନ୍ତ୍ରଣ କରିଥାଏ । ଏଣୁ ଉଚ୍ଚରକ୍ତଚାପ ରୋଗୀ ପ୍ରତ୍ୟହ ଖଜୁରୀ ଖାଇବା ଉପକାରୀ । ଉପବାସଦିନ ଶରୀରର ଶର୍କରା ସ୍ତର ହ୍ରାସ ପାଏ, ଏଣୁ ଏହି ସମୟରେ ଖଜୁରୀ ଖାଇଲେ ତାହା ଶରୀରକୁ ଆବଶ୍ୟକ ଶକ୍ତି ଯୋଗାଇଥାଏ । ହଲିଉଡ ଅଭିନେତ୍ରୀମାନେ ନିଜ ସୌନ୍ଦର୍ଯ୍ୟର ଖୋରାକ୍ ଭାବେ ନିୟମିତ ଖଜୁରୀ କୋଳି ଖାଇଥାନ୍ତି ବୋଲି ପ୍ରକାଶ ।

## ଲିଭର ପାଇଁ ଭଲ ଲାଉରସ

ଆଧୁନିକତା ଆମ ସମାଜକୁ ଯେତିକି ଗ୍ରାସ କରୁଛି ଜନସାଧାରଣ ସେତିକି ସେତିକି ସ୍ୱାସ୍ଥ୍ୟକର ଖାଦ୍ୟପେୟ ଠାରୁ ଦୂରେଇ ଯାଉଛନ୍ତି । ଅନ୍ୟପଟେ ବ୍ୟସ୍ତବହୁଳ କର୍ମମୟ ଜୀବନରେ ପ୍ରତ୍ୟେକ ବ୍ୟକ୍ତି ଟଙ୍କା ରୋଜଗାର ପ୍ରତିଯୋଗିତାରେ ସାମିଲ ହୋଇ ଖାଦ୍ୟପେୟ ଉପରେ ଧ୍ୟାନ ଦେଇ ନ ଥାନ୍ତି ଓ ଦୁଶ୍ଚିନ୍ତାରେ ରୁହନ୍ତି । ଏହି କାରଣରୁ ଲୋକେ ନାନା ସମସ୍ୟାରେ ପଡିଥାନ୍ତି ଓ ଏପରି ରୋଗର ଶିକାର ହୁଅନ୍ତି ଯାହା ସହଜରେ ଭଲ ହୋଇ ନ ଥାଏ । ସେପରି ଏକ ବ୍ୟାଧି ହେଉଛି ଲିଭର ଜନିତ ସମସ୍ୟା । ଯଦି ଆପଣଙ୍କର ଖାଦ୍ୟପେୟ ଠିକ୍ ନ ରହେ ତେବେ ଏହାର ସିଧା ପ୍ରଭାବ ଆପଣଙ୍କର ଲିଭର ଉପରେ ପଡିଥାଏ । ଏହାପରେ ଲିଭରକୁ ସୁସ୍ଥ ରଖିବା ପାଇଁ ଆମେ ଅନେକ ଔଷଧର ବ୍ୟବହାର କରିଥାଉ କିନ୍ତୁ ଆପଣ ଜାଣି ନାହାନ୍ତି କି ଏହାର ପ୍ରଭାବ ଆପଣଙ୍କ ପାଇଁ ଖରାପ ହୋଇପାରେ ।



ଲିଭରକୁ ସୁସ୍ଥ ରଖିବାର କିଛି ଆୟୁର୍ବେଦ ଉପାୟ ମଧ ରହିଛି । ତେବେ ଆସନ୍ତୁ ସେହି ବହୁ ଗୁଣକାରୀ ଆୟୁର୍ବେଦ ଉପଚାର ସମ୍ପର୍କରେ କିଛି ଜାଣିବା ।

ଲାଉ, ହଳଦୀ, ଧନିଆ, ଲେମ୍ବୁ, କଳା ଲୁଣ ଓ ଗିଲୟ ପତ୍ର ଲିଭର ସମସ୍ୟାର ରାମବାଣ ସଦୃଶ । ଗିଲୟ ରସ କୌଣସି ବି ଆୟୁର୍ବେଦ ଦୋକାନ କିମ୍ବା ପତଞ୍ଜଳି ଦୋକାନରେ ସହଜରେ ଉପଲବ୍ଧ । ଏଗୁଡିକ ଶରୀରର ଇମ୍ୟୁନ୍ ପାୱାରକୁ ମଜଭୁତ କରିଥାଏ ଏବଂ ଏହାସହ ଲିଭରକୁ ମଇଳା ବି ସଫା କରିଥାଏ ।

## ଉପକାରୀ ତରଭୁଜ ମଞ୍ଜି

ତରଭୁଜ ଏକ ଖରାଦିନିଆ ଫଳ । ଅଧିକାଂଶ ଲୋକଙ୍କର ଏହା ପ୍ରଥମ ପସନ୍ଦ । ଏହା ଶରୀରରେ ଜଳୀୟ ଅଂଶ ଅଭାବକୁ ଦୂର କରିଥାଏ । କିନ୍ତୁ ଏହାକୁ ଖାଇବାର ଏକ ଉପାଦେୟ ଗୁଣ ବିଷୟରେ ଆଜି ବି ଅନେକ ଅଜଣା ଅଛନ୍ତି । ତରଭୁଜ ଖାଇବା ପରେ ଏହାର ମଞ୍ଜିକୁ ସମସ୍ତେ ଫିଙ୍ଗିଦିଅନ୍ତି । କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବେ ଏହାର ମଞ୍ଜି ବି ବେଶ୍ ଉପକାରୀ ଏବଂ ସ୍ୱାସ୍ଥ୍ୟପ୍ରଦ ।



ତରଭୁଜ ମଞ୍ଜିରେ ମ୍ୟାଗ୍ନେସିୟମ୍, ପଟାସିୟମ, ଫସଫରସ୍ ଭଳି ଅନେକ ପୋଷାକ ତତ୍ତ୍ୱ ଭରି ରହିଛି । ଏହାକୁ ଗରମ ପାଣିରେ ସିଝାଇ ସେବନ କଲେ ଶରୀର ପାଇଁ ବେଶ୍ ଲାଭ ମିଳିଥାଏ । ସେଥିପାଇଁ ୨୦-୩୦ ଟି ତରଭୁଜ ମଞ୍ଜିକୁ ବାଟି ସେଥିରେ ୨ ଲିଟର ପାଣି ମିଶାଇ ୧୫ ମିନିଟ୍ ପାଇଁ ଫୁଟାନ୍ତୁ । ଏହି ସିରପକୁ ଦୁଇ ଦିନ ମଧ୍ୟରେ ଶେଷ କରିବାକୁ ପଡିଥାଏ । ସପ୍ତାହକୁ ଦୁଇଥର ଏହି ପ୍ରକ୍ରିୟା ଜାରି ରଖିଲେ ସ୍ୱାସ୍ଥ୍ୟଜନିତ ବିଭିନ୍ନ ସମସ୍ୟା ଯେମିତିକି ରକ୍ତଚାପ, ତ୍ୱଚା ସମ୍ବନ୍ଧୀୟ ସମସ୍ୟା, ଡାଏବିଟିସ୍, ଦୁର୍ବଳତା, ପ୍ରଜନନ କ୍ଷମତା ହ୍ରାସ ଆଦିକୁ ଭଲ କରିଥାଏ ।

## ଆପଣ ଜାଣନ୍ତି କି ?

- ଆଫ୍ରିକା ଏମିତି ଏକ ମହାଦେଶ ଯାହା ଉତ୍ତର ଦକ୍ଷିଣ, ପୂର୍ବ, ପଶ୍ଚିମ, ଚାରିଟି ଗୋଲାର୍ଦ୍ଧକୁ ପରିବ୍ୟାପ୍ତ ।
- ଚୀନ ବିଶ୍ୱର ଏକମାତ୍ର ଦେଶ ଯାହା ସହିତ ପୃଥିବୀର ୧୪ ଟି ଭିନ୍ନ ଭିନ୍ନ ଦେଶର ସୀମାନ୍ତ ଲାଗିଛି ।
- ପୃଥିବୀ ସର୍ବୋଚ୍ଚ ୨୫ଟି ପର୍ବତଶୃଙ୍ଗ ମଧ୍ୟରେ ୧୯ଟି ରହିଛି ହିମାଳୟ ପର୍ବତମାଳାରେ ।
- ନାଉରୁ ପ୍ରଶାନ୍ତ ମହାସାଗର ମଧ୍ୟରେ ଅବସ୍ଥିତ ଏକ କ୍ଷୁଦ୍ର ଦ୍ୱୀପରାଷ୍ଟ୍ର ଯାହାର କୌଣସି ରାଜଧାନୀ ନାହିଁ । ମ୍ୟାନହାଟନରେ ଏମିତି ଅନେକ ଘର ରହିଛି ଯେଉଁଗୁଡିକର ନିଜସ୍ୱ ଜିପ୍ କୋଡ୍ ରହିଛି ।
- ସବୁଠୁ ଛୋଟ ଜାଗାର ନାଁରେ ରହିଛି ଗୋଟିଏ ମାତ୍ର ଅକ୍ଷର । ସ୍ୱିଡ଼େନ୍ ଆଉ ନରୱେ ମଝିରେ ରହିଛି ଏହି ସ୍ଥାନ ଯାାର ନାଁ ଇଂରାଜୀ ଅକ୍ଷର ଏ । ସ୍କାଣ୍ଡିନେଭିଆନ୍ ଭାଷାରେ ଏହାର ଅର୍ଥ ନଦୀ ।
- ପୃଥିବୀର ପ୍ରାକୃତିକ ହ୍ରଦରୁ ଅର୍ଦ୍ଧାଧିକ ରହିଛି କାନାଡ଼ାରେ । ୫୬୧ ଟି ହ୍ରଦ ରହିଛି ଏହି ଦେଶଟିରେ ଯାହା କାନାଡ଼ାର ୯ ପ୍ରତିଶତ ଅଞ୍ଚଳ ବ୍ୟାପି ପରିବ୍ୟାପ୍ତ ।
- ଏଭରେଷ୍ଟ ବିଶ୍ୱର ଉଚ୍ଚତମ ପର୍ବତଶୃଙ୍ଗ ହେଲେ ମଧ ବିଷୁବ ରେଖା ଉପରେ ଥିବାରୁ ଚନ୍ଦ୍ର ପୃଷ୍ଠର ସବୁଠୁ ପାଖରେ ରହିଛି ଆଣ୍ଡିଜ୍ ପର୍ବତମାଳାର ଶିମ୍ବୋରାଜୋ ଗିରିଶୃଙ୍ଗ ।
- ସବୁଠାରୁ କ୍ଷୁଦ୍ର ରାଷ୍ଟ୍ର ଭାଟିକାନ ସିଟି । ମାତ୍ର ୦.୪୪ କିଲୋମିଟର ଅଞ୍ଚଳ ବ୍ୟାପି ରହିଛି ଏହି ଛୋଟିଆ ଦେଶଟି । ଯଦିଓ ପୃଥିବୀର ବୃହତ୍ତମ ଗିର୍ଜା କିନ୍ତୁ ଏହି ଦେଶରେ ହିଁ ଅବସ୍ଥିତ ।

## କର୍କଟରୁ ରକ୍ଷା କରିବ କଦଳୀ ପତ୍ର

କିଛି ବର୍ଷ ତଳେ ଅଧିକାଂଶ ଭାରତୀୟଙ୍କ ବାଡ଼ିବଗିଚାରେ କଦଳୀ ଗଛ ପ୍ରାୟତଃ ଦେଖା ଯାଉଥିଲା । ଦିନକୁ ଦିନ କିନ୍ତୁ ଲୋକଙ୍କ ମାନସିକତାରେ ଏକ ବିରାଟ ପରିବର୍ତ୍ତନ ହେଉଥିବାର ଲକ୍ଷ୍ୟ କରାଯାଇଛି । ଆଜିର ସମୟରେ ଲୋକେ ବିଭିନ୍ନ ପ୍ରଜାତିର ଫୁଲଗଛ ଲଗାଇବାରୁ ବରଂ ଅଧିକ ପସନ୍ଦ କରୁଛନ୍ତି । ବାଡ଼ି ବଗିଚାରେ ଔଷଧୀୟ ଗଛ ଓ କଦଳୀ, ପିଜୁଳି, ଆମ୍ବ ଲଗାଇବାର ପରମ୍ପରା ଯେପରି ବନ୍ଦ ହୋଇଗଲାଣି କହିଲେ ଚଳେ । ଏସବୁ ଗଛର ଆବଶ୍ୟକତା କିନ୍ତୁ ଯଥେଷ୍ଟ ଅଧିକ ରହିଛି । ନିକଟରେ ବାରଣାସୀ ବିଶ୍ୱବିଦ୍ୟାଳୟର ଗବେଷକଗଣ ପରୀକ୍ଷା କରି ପ୍ରକାଶ କରିଛନ୍ତି ଯେ କଦଳୀ ଓ ଏହାର ପତ୍ର ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ । କଦଳୀ ପତ୍ରରେ କର୍କଟ ପ୍ରତିରୋଧୀ ତତ୍ତ୍ୱମାନ ରହିଛି । ଏଣୁ କଦଳୀ ପତ୍ରରେ ଖାଇଲେ କିମ୍ବା କଦଳୀ ପତ୍ର ବ୍ୟବହାର କରି ବ୍ୟଞ୍ଜନମାନ ଖାଇବା ସ୍ୱାସ୍ଥ୍ୟ ପାଇଁ ମହୌଷଧି ଅଟେ । ଭାରତର କେବଳ ଦକ୍ଷିଣ ପ୍ରାନ୍ତରେ ହିଁ କଦଳୀପତ୍ରରେ ଭୋଜନ ପରମ୍ପରା ବର୍ତ୍ତମାନ ପର୍ଯ୍ୟନ୍ତ ଅବ୍ୟାହତ ରହିଛି । ଗବେଷଣାରୁ ପ୍ରକାଶ ଯେ, ପ୍ରତି ୧୦୦ ଜଣରେ ୨ଜଣ ଦକ୍ଷିଣ ଭାରତୀୟ କର୍କଟ ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ଅନ୍ୟପାଖେ ଉତ୍ତର ଭାରତରେ ପ୍ରତି ୭୫



ଜଣରେ ୨୨ ଜଣ କର୍କଟ ରୋଗୀ । ଏଣୁ କଦଳୀ ପତ୍ରର ଔଷଧୀୟ ଗୁଣ ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି । କଞ୍ଚା କଦଳୀ ମଧ ଶରୀରକୁ ପ୍ରଚୁର ପରିମାଣରେ ପୋଷକତତ୍ତ୍ୱ ଯୋଗାଇଥାଏ । ଗ୍ରାମାଞ୍ଚଳ ଲୋକଙ୍କ ସୁସ୍ଥତାର ପ୍ରମୁଖ ରହସ୍ୟ ହେଲା ସେମାନେ ନିୟମିତ ଭାବେ କଞ୍ଚା କଦଳୀ ପ୍ରସ୍ତୁତ ବ୍ୟଞ୍ଜନ ଖାଇଥାନ୍ତି । ସହରରେ ଆଜିକାଲି ରାସାୟନିକ ସାର ବ୍ୟବହୃତ ପନିପରିବା ମିଳୁଛି । ଏଣୁ ଏସବୁ ଖାଇଲେ ମଧ ଶରୀର ଉପରେ କୌଣସି ଉତ୍ତମ ପ୍ରଭାବ ପଡୁନାହିଁ ବରଂ ଏହା ରୋଗ ସୃଷ୍ଟିର କାରଣ ହେଉଛି । ନିୟମିତ ଭାବେ କଦଳୀ ପତ୍ରରେ ଭୋଜନ କଲେ କିମ୍ବା କଦଳୀ ପତ୍ରପୋଡ଼ା କୌଣସି ଖାଦ୍ୟ ଖାଇଲେ କର୍କଟ ହେବାର ଆଶଙ୍କା ୪୦ ପ୍ରତିଶତ ହ୍ରାସ ପାଇଥାଏ ।

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ମାଠିଆପାଣି

ଦିନଥିଲା ମାଟିରେ ତିଆରି ମାଠିଆ ଏବଂ ସୁରେଇର ବେଶ୍ ଚାହିଦା ଥିଲା । ଏଥିରେ ପାଣି ରଖି ପିଇବା ଦ୍ୱାରା ଶାରୀରିକ ଓ ମାନସିକ ସ୍ତରରେ ବେଶ୍ ଆରାମ ମିଳୁଥିଲା ।



ପ୍ରବଳ ଖରାରେ ବୁଲି ଆସିଲେ ଥଣ୍ଡା ପାଣି ଗ୍ଲାସେ ଲୋଡ଼ା ପଡିଥାଏ । ଏବେ ତ ଘରେ ଘରେ ଫ୍ରିଜରେ ପାଣିକୁ ଥଣ୍ଡା କରି ପିଇବା ଅନେକଙ୍କର ଅଭ୍ୟାସ ହୋଇଗଲାଣି । କିନ୍ତୁ ସମୟ ଥିଲା ଲୋକେ ମାଠିଆରେ ପାଣି ପିଉଥିଲେ । ଏହା ଦେହ ଓ ମନକୁ ବେଶ୍ ଆରାମ ପ୍ରଦାନ କରୁଥିଲା । ମାଠିଆ ପାଣିରେ ଅନେକ ଔଷଧୀୟ ଗୁଣ ରହିଛି । ଖାସ୍ କଥା ହେଲା, ଏହି ପାଣିକୁ ନିୟମିତ ପିଇଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ । ଏହା ବ୍ୟତୀତ ମାଠିଆ ପାଣି ପିଇଲେ ଗଳା ସଂକ୍ରମଣର ଆଶଙ୍କା ନ ଥାଏ । ଫ୍ରିଜ ପାଣି ଯୋଗୁଁ ଅନେକ ସମୟରେ ଥଣ୍ଡା ଏବଂ ଗଳା ସଂକ୍ରମଣଜନିତ ସମସ୍ୟା ଉପୁଜିଥାଏ । ବେଳେବେଳେ ଏହା ଏତେ ମାରାତ୍ମକ ହୋଇଯାଏ ଯେ ଅସ୍ତ୍ରୋପଚାର ପର୍ଯ୍ୟନ୍ତ କଥା ଚାଲିଯାଏ । ଯାହାର ଭୟ ମାଠିଆ ପାଣିରେ ନ ଥାଏ । ଏହାଛଡ଼ା ଫ୍ରିଜରେ ରଖାଯାଉଥିବା ପ୍ଲାଷ୍ଟିକ୍ ବୋତଲରେ ଦୀର୍ଘଦିନ ପାଣି ରହିବା ଦ୍ୱାରା ବିଷତତ୍ତ୍ୱ ସୃଷ୍ଟି ହୋଇଥାଏ । କିନ୍ତୁ ମାଠିଆ ପାଣି ସମ୍ପୂର୍ଣ୍ଣ ଶୁଦ୍ଧ । ଏହାକୁ ଯେତେ ବସିକରି ପିଇବେ ପେଟଜନିତ ବିଭିନ୍ନ ସମସ୍ୟାରୁ ରକ୍ଷା ପାଇ ପାରିବେ ।

## କହିପାରିବେ କି ?

(୧) ପ୍ଲାଷ୍ଟିକରୁ କେଉଁ ଗ୍ୟାସ୍ ଉତ୍ପନ୍ନ ହୁଏ ?
(୨) ଟେସଲା ୟୁନିଟ୍ କେଉଁ କ୍ଷେତ୍ର ସହ ଜଡିତ ?
(୩) ବସ ଡ୍ରାଇଭର ପାଖରେ କେଉଁ ଦର୍ପଣ ଲଗାଯାଏ ?
(୪) ମାୟୋପିଆର ଅନ୍ୟ ନାଁ କ'ଣ ?
(୫) ବାୟୁମଣ୍ଡଳର ଆର୍ଦ୍ରତା ମାପିବାକୁ କେଉଁ ଯନ୍ତ୍ର ବ୍ୟବହୃତ ହୁଏ ?
(୬) ମିଶରରେ ପ୍ରାଚୀନ କାଳରେ କେଉଁ ଦୋଷ କଲେ ମୃତ୍ୟୁଦଣ୍ଡ ଦିଆଯାଉଥିଲା ?
(୭) କେଉଁ ଦେଶରେ କୌଣସି ମନ୍ଦିର କି ମସ୍‌ଜିଦ୍ ନାହିଁ ?
(୮) ପର୍ତ୍ତୁଗାଲି ଭାଷା କହୁଥିବା ବିଶ୍ୱର ସବୁଠୁ ବଡ଼ ଦେଶର ନାମ କ'ଣ ?
(୯) କେଉଁଠି ଛାତରୁ ଡେଇଁଲେ ମୃତ୍ୟୁ ଦଣ୍ଡ ଦିଆଯାଇଥାଏ ?
(୧୦) ବିଶ୍ୱର ସବୁଠୁ ଅଧିକ ମହିଳା ଥିବା ଦେଶର ନାମ କ'ଣ ?

### JUMBLE WORDS

| | | | |
|---|---|---|---|
| 1) DLEAG | = | 6) GJLGUE | = |
| 2) SSEVUR | = | 7) ARNWRO | = |
| 3) DBONYO | = | 8) OPRUG | = |
| 4) VONEW | = | 9) HNITN | = |
| 5) TIDOT | = | 10) TAUERM | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧. ଭୀମ, ୨.କୁରୁକ୍ଷେତ୍ର,୩.୧୮ ଦିନ, ୪.୫ ବର୍ଷ, ୫.ଇଟାଲୀ, ୬.୧୯୩୦, ୭.ଟାଇଟାନିକ, ୮.ନ୍ୟୁୟର୍କ, ୯.ରୋମିଙ୍କ ବେବି ଲିବେର୍ଟିଜ୍,୧୦.୧୮୭୫ ।

***Jumble Words* ର ଉତ୍ତର :-**

(1) DOG (2) DONKEY (3) LEOPARD (4) COW (5) TIGER
(6) CHEETAH (7) CAT (8) LION (9) BEAR (10) HORSE

## ୮୦ ୟୁନିଟ୍ ରକ୍ତ ସଂଗ୍ରହ

ସୋନପୁର: ସ୍ଥାନୀୟ ମାରୱାଡି ଧର୍ମଶାଳାରେ ସୋନପୁର ମାରୱାଡି ଯୁବାମଞ୍ଚ ପକ୍ଷରୁ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ୮୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଶିବିରରେ ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟ ମୁଖ୍ୟ ଅତିଥି ଓ ଏସପି ଅମରେଶ ପଣ୍ଡା ସମ୍ମାନିତ ଅତିଥି ଓ ଏଡିଏମଓ ମେଡିକାଲ ଡ଼. ଦୁର୍ଗା ଦତ୍ତ ଦାଶ ଯୋଗ ଦେଇ ଉଦଘାଟନ କରିଥିଲେ। ମାରୱାଡି ସମାଜର ସଭାପତି ଗୋପାଳ ଭୂତ, ମାରୱାଡି ଯୁବାମଞ୍ଚ ସଭାପତି ଅମିତ ଅଗ୍ରୱାଲ ମଞ୍ଚାସୀନ ଥିଲେ। ସୁବର୍ଣ୍ଣପୁର ଜିଲ୍ଲାରେ ସ୍ୱତନ୍ତ୍ର ମହିଳା ୟୁନିଟ ଗଢିବାସହ ରକ୍ତ ବର୍ଗ ଚିହ୍ନଟ ପାଇଁ ସ୍ୱତନ୍ତ୍ର ସଂଗଠନ ଗଢିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ମୃତ୍ୟୁ ପରେ ସମ୍ପୂର୍ଣ୍ଣ ଅଙ୍ଗଦାନ ଘୋଷଣା କରିଥିବା ଯୁବ ଦମ୍ପତି ଆଦିକନ୍ଦ ଦେହୁରୀ, ଲତିକା ଦେହୁରୀଙ୍କୁ ଜିଲ୍ଲାପାଳ ସମ୍ବର୍ଦ୍ଧିତ କରିଥିଲେ। ନନ୍ଦ କିଶୋର କମାଣି ସଭା ସଂଯୋଜନା କରିଥିବା ବେଳେ ଯୁବା ମଞ୍ଚର ସମ୍ପାଦକ ଅଙ୍କିତ ଅଗ୍ରୱାଲ, ଉପସଭାପତି ରଜତ ଅଗ୍ରୱାଲ, ସହ ସମ୍ପାଦକ ଅଭିଷେକ ଅଗ୍ରୱାଲଙ୍କ ସମେତ ମାରୱାଡି ସମାଜ ଓ ଯୁବା ମଞ୍ଚର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ସ୍ୱଚ୍ଛ ଭାରତ ସଂଗଠନ, ରକ୍ତଦାତା ସଂଘ ଓ ବୁଢା ରଜା ସଂଗଠନର ସମସ୍ତ କର୍ମକର୍ତ୍ତା ସଭାରେ ଯୋଗଦେଇ ରକ୍ତଦାତା ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ।

## ବିଶ୍ୱ ରକ୍ତଦାତା ଦିବସରେ ରକ୍ତଦାନ ଶିବିର

ସମ୍ବଲପୁର: ବିଶ୍ୱ ରକ୍ତଦାତା ଦିବସ ଅବସରରେ ଜିଲ୍ଲା ରେଡ଼କ୍ରସ ସୋସାଇଟି ପକ୍ଷରୁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ୮୯ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏଥିରେ ଜିଲାପାଳ ଅନନ୍ୟା ଦାସ, ଅତିରିକ୍ତ ଜିଲାପାଳ (ସାଧାରଣ) ଅଜାମ୍ବର ମହାନ୍ତି, ସିଡିଏମଓ ଡାକ୍ତର ପୂର୍ଣ୍ଣଚନ୍ଦ୍ର ସାହୁ, ଏଡିଏମଓ (ମେଡିକାଲ) ଅଲେଖ ମହାପାତ୍ର, ଏଡିଏମଓ (ପିଏଚ) ଭରତ ଦାଶ, ଜିଲା ମେଲେରିଆ ଅଧିକାରୀ ସୁଶୀଲ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ରକ୍ତଭଣ୍ଡାରର ଡାକ୍ତର କନ୍ତେଶ କକ୍କଡ଼ଙ୍କ ସହ ନର୍ସିଂ ଷ୍ଟାଫ ବର୍ଷାରାଣୀ ମହାପାତ୍ର, ଦିପିକା ଭୋଇ, ଜନ ହବିବ ଦଳ, କାଉନସେଲର କର୍ମଦେବ ପଟେଲ, ଆଟେ। ମନବୋଧ ନାୟକ, ଓମପ୍ରକାଶ ଖଣ୍ଡାୟତ ତଥା ସ୍ୱାସ୍ଥ୍ୟ କର୍ମଚାରୀ ବିକାଶ ରଞ୍ଜନ ପଣ୍ଡା ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ଜିଲା ମେଲେରିଆ ଅଧିକାରୀ ଡାକ୍ତର ଦାଶ ୨୮ତମ ଥର ପାଇଁ ବିରଳ ବର୍ଗ ବି-ନେଗେଟିଭ, ରକ୍ତଦାନ କରି ପ୍ରଶଂସିତ ହୋଇଥିଲେ। ଏହି ଅବସରରେ ସନ୍ଧ୍ୟାରେ ଓଡ଼ିଶା ପ୍ରାନ୍ତୀୟ ମାରୱାଡ଼ି ଯୁବା ମଞ୍ଚ ସମ୍ବଲପୁର ଶାଖା ପକ୍ଷରୁ ସିନ୍ଦୂରପଙ୍କରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିବା ବେଳେ ୨୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

## ବିଶ୍ୱ ରକ୍ତଦାତା ଦିବସ ପାଳିତ




ବରଗଡ଼: ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲଠାରେ ସ୍ୱେଚ୍ଛାସେବୀ ସଂଗଠନ 'କଲ୍ୟାଣୀ' ର ରୌପ୍ୟ ଜୟନ୍ତୀ ତଥା ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। ମନ୍ତ୍ରୀ ରୀତା ସାହୁ ଓ ବରଗଡ଼ ବିଧାୟକ ତଥା ଯୋଜନା ବୋର୍ଡ ଅଧକ୍ଷ ଦେବେଶ ଆଚାର୍ଯ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରି ସ୍ୱେଚ୍ଛାସେବୀ ସଙ୍ଗଠନ କଲ୍ୟାଣୀ ସହ ଅନ୍ୟାନ୍ୟ ସଂଗଠନକୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଏ ଅବସରରେ ୨୫ ୟୁନିଟ ରକ୍ତ ସଂଗୃହୀତ ହେବା ସହିତ ୨୫ ଜଣ ଚକ୍ଷୁଦାନ ଏବଂ ୨୫ ଜଣ ଶରୀର ଦାନ କରିବାକୁ ଚୁକ୍ତିପତ୍ରରେ ଦସ୍ତଖତ ସହିତ ସହମତି ପ୍ରକାଶ କରିଥିଲେ। ସେମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନ ପତ୍ର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପୂର୍ବରୁ ବାହାନଗା ଟ୍ରେନ୍ ଦୁର୍ଘଟଣାରେ ମୃତକଙ୍କ ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯିବା ସହ ଆହତମାନଙ୍କ ରକ୍ତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଉଥିବା ଶ୍ରୀ ପାଣ୍ଡବ କର୍ଣ୍ଣ ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସମେତ ବିଭିନ୍ନ ସଂଗଠନର ସଦସ୍ୟମାନେ ସହଯୋଗ କରିଥିଲେ।

## ସିଆର୍‌ପିଏଫ୍ ପକ୍ଷରୁ ରକ୍ତଦାନ ଶିବିର

ବୁର୍ଲା: ବିଶ୍ୱ ରକ୍ତଦାନ ଦିବସ ଅବସରରେ ଗୋଶାଳାସ୍ଥିତ ସିଆରପିଏଫ ଗ୍ରୁପ କେନ୍ଦ୍ରରେ ଆୟୋଜିତ ରକ୍ତଦାନ ଶିବିରରେ ଗ୍ରୁପ୍ ସେଣ୍ଟର ସମ୍ବଲପୁରର ୧୯ ଜଣ ଅଧିକାରୀ ଓ କର୍ମଚାରୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ସିଆରପିଏଫ ଗ୍ରୁପ୍ ସେଣ୍ଟରର ଡେପୁଟି ଇନ୍ସପେକ୍ଟର ଜେନେରାଲ ଲାଲଚାନ୍ଦ ଯାଦବଙ୍କ ତତ୍ତ୍ୱାବଧାନରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ରକ୍ତଦାନ ଶିବିରକୁ ଓଡ଼ିଶା ସେକ୍ଟରର ଡେପୁଟି ଇନ୍ସପେକ୍ଟର ଜେନେରାଲ ପୁଖରାଜ ଜୟପାଳଙ୍କ ପତ୍ନୀ ପୁଷ୍ପା ଜୟପାଳ ଓ ଗୃପ ସେଣ୍ଟର ଆରସିଡବ୍ଲୁଏ ସମ୍ବଲପୁରର ଅଧକ୍ଷା ଅଞ୍ଜନା ଯାଦବ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ଏକ ଆଲୋଚନା ଚକ୍ରରେ ଡିଆଇଜି ଶ୍ରୀ ଯାଦବ ବିଶ୍ୱ ରକ୍ତଦାତା ଦିବସର ମହତ୍ତ୍ୱ ଓ ରକ୍ତଦାନର ଉପକାରିତା ସମ୍ପର୍କରେ ଆଲୋଚନା କରିବା ସହିତ ରକ୍ତଦାତା ମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରିଥିଲେ।

## ସୋନପୁରରେ ବିଶ୍ୱରକ୍ତଦାତା ଦିବସ ପାଳିତ

ସୋନପୁର: ସୁବର୍ଣ୍ଣପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ଜିଲ୍ଲାସ୍ତରୀୟ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। ଏଥିରେ ୮ଜଣ ରକ୍ତଦାତା ସ୍ୱାଧୀନ ନାଏକ, ଶୈଳେନ୍ଦ୍ର ବାରିକ, ଗୋପେଶ ପଣ୍ଡା, ଚନ୍ଦ୍ରଶେଖର ମହାପାତ୍ର, ସସ୍ମିତା ହୋତା, ତ୍ରିଲୋଚନ ପାଣିଗ୍ରାହୀ, ଅଞ୍ଜଳି ପାଣିଗ୍ରାହୀ, ଜନାର୍ଦ୍ଦନ ଖମାରୀ ଏବଂ ଶିବିର ଆୟୋଜନରେ ସଫଳତା ପାଇଁ ଦିବ୍ୟ ଉର୍ଜା ରକ୍ତଦାତା ସେବା ସଂଘ ଓ ବୁଢାରଜା ଯୁବକ ସଂଘଙ୍କୁ ସମ୍ମାନିତ କରାଯାଇଥିଲା।

ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଅଧୀକ୍ଷକ ଡାକ୍ତର ଦୁର୍ଗାଦତ୍ତ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା ମୁଖ୍ୟ ଅତିଥି, ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ ଏବଂ ସମାଜସେବୀ ଶ୍ରୀବତ୍ସ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଏକ ବାଇକ ରାଲିକୁ ଆରକ୍ଷୀ ଅଧୀକ୍ଷକ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲ୍ଲା ରକ୍ତଦାତା ସଂଘ ସଭାପତି ମନୋଜ ପଣ୍ଡା ଧନ୍ୟବାଦ ଦେଇଥିଲେ। ମନୋରଞ୍ଜନ ତ୍ରିପାଠୀ ଓ ପ୍ରମୋଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ଖାଇବା ତେଲ କିଣିବାକୁ ଖାଉଟିଙ୍କୁ ଏବେ କମ୍ ଅର୍ଥ ଖର୍ଚ୍ଚ କରିବାକୁ ପଡିବ

ନୂଆଦିଲ୍ଲୀ: ଦେଶର ଖାଉଟିମାନଙ୍କୁ ସୁଲଭ ମୂଲ୍ୟରେ ଖାଇବା ତେଲ ଯୋଗାଇ ଦେବାକୁ ସରକାର ତେଲ ଉପରୁ ମୌଳିକ ଆମଦାନୀ ଶୁଳ୍କ ହ୍ରାସ କରିଛନ୍ତି। ଏହି ମର୍ମରେ କେନ୍ଦ୍ର ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ଅନୁସାରେ ରିଫାଇନ୍ ହୋଇଥିବା ସୋୟାବିନ୍ ତେଲ (ଏଚ୍‌ଏସ୍ କୋଡ- ୧୫୦୭୯୦୧୦) ଓ ରିଫାଇନ ହୋଇଥିବା ସୂର୍ଯ୍ୟମୁଖୀ ତେଲ (ଏଚ୍‌ଏସ୍ କୋଡ ୧୫୧୨୧୯୧୦)ଉପରୁ ମୌଳିକ ଆମଦାନୀ ଶୁଳ୍କକୁ ୧୭.୫% ଶତାଂଶରୁ ୧୨.୫ ଶତାଂଶକୁ ହ୍ରାସ କରାଯାଇଛି। ଏହି ଆଦେଶ ଲାଗୁ ହୋଇଛି। ୨୦୨୪ ମାର୍ଚ୍ଚ ୩୧ ଯାଏ ଏହା ବଳବତ୍ତର ରହିବ।

ଘରୋଇ ବଜାରରେ ଖାଇବା ତେଲ ମୂଲ୍ୟକୁ ହ୍ରାସ କରିବାକୁ କେନ୍ଦ୍ର ସରକାର ପୂର୍ବରୁ ଯେଉଁ ସବୁ ନିଷ୍ପତ୍ତି ନେଇଥିଲେ ଏହି ଶୁଳ୍କ ହ୍ରାସ ତାହାକୁ ଆହୁରି ସୁଦୃଢ କରିବ। ମୌଳିକ ଆମଦାନୀ ଶୁଳ୍କ ଏପରି ଏକ ଟିକସ ଯାହା ଘରୋଇ ବଜାରରେ ଖାଇବା ତେଲ ମୂଲ୍ୟକୁ ମହଙ୍ଗା କରେ। ଫଳରେ ଖାଉଟିଙ୍କୁ ଅଧିକ ଅର୍ଥ ଦେଇ ଖାଇବା ତେଲ କିଣିବାକୁ ହୋଇଥାଏ। ରିଫାଇନଡ୍ ସୋୟାବିନ୍ ଓ ସୂର୍ଯ୍ୟମୁଖୀ ତେଲର ଆମଦାନୀ ଉପରୁ ମୌଳିକ ଆମଦାନୀ ଶୁଳ୍କ ହ୍ରାସ ହେବା ଫଳରେ ଘରୋଇ ବଜାରରେ ଏହି ଦୁଇ ତେଲର ଖୁଚୁରା ମୂଲ୍ୟ କମିବ। ଏହା ଫଳରେ ଖାଉଟି ଉପକୃତ ହେବେ। ସୂଚନାଯୋଗ୍ୟ ଯେ ରିଫାଇନ୍ ହୋଇଥିବା ସୋୟାବିନ ଓ ସୂର୍ଯ୍ୟମୁଖୀ ତେଲ ଉପରୁ ସରକାର ଏହା ପୂର୍ବରୁ ୨୦୨୧ ଅକ୍ଟୋବରରେ ମୌଳିକ ଆମଦାନୀ ଶୁଳ୍କ ୩୨.୫ ଶତାଂଶରୁ ୧୭.୫ ଶତାଂଶକୁ ହ୍ରାସ କରିଥିଲେ। ସେତେବେଳେ ଏହି ଦୁଇ ତେଲର ଆର୍ନ୍ତଜାତିକ ମୂଲ୍ୟ ଅତି ଅଧିକ ଥିବାରୁ ସରକାର ଏହି ନିଷ୍ପତ୍ତି ଗ୍ରହଣ କରିଥିଲେ। ସେତେବେଳେ ଉଚ୍ଚା ମୌଳିକ ଆମଦାନୀ ଶୁଳ୍କ ଯୋଗୁଁ ଘରେଇ ବଜାରରେ ଏହି ତେଲର ଦାମ ବହୁ ଅଧିକ ଥିଲା।

## ସୋନପୁର ଜିଲ୍ଲା ବିଜେଡି କମିଟି ପୁନର୍ଗଠିତ

ସୋନପୁର: ସୋନପୁର ଜିଲା ବିଜେଡି କମିଟିର ପୁନର୍ଗଠନ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଜିଲ୍ଲା ସମେତ ବିଭିନ୍ନ ବ୍ଲକ, ଏନ୍‌ଏସି, ମ୍ୟୁନିସିପାଲିଟିରେ ସଭାପତିଙ୍କୁ ନିଯୁକ୍ତି ଦିଆଯାଇଛି। ଏ ନେଇ ଦଳ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

ଏଥିସହିତ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ଭାବେ ୧୫, ଯୁଗ୍ମ ସମ୍ପାଦକ ଭାବେ ୧୭ ଏବଂ ସମ୍ପାଦକ ଭାବେ ୨୩ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସୋନପୁର ଜିଲା ବିଜେଡି ସଭାପତି ଭାବେ ସରୋଜ କୁମାର କମ୍ପ, ହିମାଂଶୁ ଶେଖର ବିଶ୍ୱାଳ ଡୁଙ୍ଗୁରିପାଲି, ଶଙ୍କର ପ୍ରସାଦ ସା(କବି) ସୋନପୁର, ହେମନ୍ତ କୁମାର ସାହୁ ତରଭା, ଝସକେତନ ବଘାର ଉଲୁଣ୍ଡା, ଦ୍ୱାରିକାନାଥ ସାହୁ ବିନିକା ଏବଂ ସ୍ୱୟମ୍ଭୁନାଥ ଖଣ୍ଡଗିରିଙ୍କୁ ବିଏମ୍‌ପୁର ବ୍ଲକ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ସୋନପୁର ମ୍ୟୁନିସିପାଲିଟି ସଭାପତି ଭାବେ ଜନ୍ମେଜୟ ପାତ୍ର, ଗଗନ ଅଗ୍ରୱାଲ ତରଭା ଏନ୍‌ଏସି ଏବଂ ସୋମନାଥ ମିଶ୍ରଙ୍କୁ ବିନିକା ଏନ୍‌ଏସି ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଅଭିମନ୍ୟୁ କୁଶଳଙ୍କୁ ସୋନପୁର ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଉପସଭାପତି ଭାବେ ରମେଶ ପୂଜାରୀ, ବିଜୟାନନ୍ଦ ମିଶ୍ର, କଏରୁ ସ୍ୱାଇଁ, ମଧୁସୂଦନ ମିଶ୍ର, ଶୈଳେନ୍ଦ୍ର ସାହୁ ଏବଂ ରଞ୍ଜିତ କୁମାର ରଥଙ୍କୁ ନିଯୁକ୍ତି ଦିଆଯାଇଛି। ଜିଲାର ଡିଜିଟାଲ ମିଡିଆ ସମ୍ପାଦକ ତଥା କାର୍ଯ୍ୟକାରୀ ସଭାପତି ଭାବେ ବିହାରୀଲାଲ ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଡିଜିଟାଲ ମିଡିଆ ସେକ୍ରେଟାରି ଭାବେ ମଧୁ ଓତା, କ୍ୟାଶିୟର ଭାବେ ପ୍ରହଲ୍ଲାଦ ନାୟକ, ଅଫିସ ସେକ୍ରେଟାରି ଭାବେ ମାନଭଞ୍ଜନ ବେଦବାକ, କୃଷକ ସେଲ୍ ସଭାପତି ଭାବେ କରମଚାନ୍ଦ ମହାନ୍ତି, ଏସ୍‌ସି ସେଲ୍ ସଭାପତି ଭାବେ ରାଜକୁମାର ସେନା, ଓବିସି ସେଲ୍ ସଭାପତି ଭାବେ ରାଜନ ଠେଲାଙ୍କୁ ନିଯୁକ୍ତି ଦିଆଯାଇଛି।

### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ନିଷ୍ଠା ପରିବାରର ପ୍ରତିଷ୍ଠା ଉତ୍ସବରେ ୧୧୪ ୟୁନିଟ୍ ରକ୍ତ ସଂଗୃହୀତ



ବରଗଡ଼ : ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ଖଣ୍ଡହଥା ଗ୍ରାମ ପଞ୍ଚାୟତ ଆନ୍ଧ୍ର କ୍ୟାମ୍ପ ସ୍ଥିତ ନିଷ୍ଠା ଭବନଠାରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାରର ୧୪ତମ ପ୍ରତିଷ୍ଠା ଦିବସ ତଥା ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି । ଏଥିରେ ଭଟଲି ବିଧାୟକ ସୁଶାନ୍ତ ସିଂ ମୁଖ୍ୟଅତିଥି, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବରେ ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ସାଧୁ ନେପାକ, ପୂର୍ବତନ ସାଂସଦ ପ୍ରଭାସ ସିଂ, ବରଗଡ଼ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ହୋତା, ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ବିଶିଷ୍ଟ ଶିକ୍ଷାବିତ ସମରେନ୍ଦ୍ର ପଣ୍ଡାଙ୍କ ଦ୍ୱାରା ପ୍ରସ୍ତୁତ 'ଦ ଜର୍ଣ୍ଣି ଅଫ୍ ନିଷ୍ଠା' ପୁସ୍ତକ ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଏହି ଅବସରରେ ବଲାଙ୍ଗିରର ସ୍ୱାଭିମାନ ପରିବାର ଓ ବିଂ ହ୍ୟୁମାନ ଫାଉଣ୍ଡେସନ, ମଞ୍ଚ ଅଭିନେତା ଭୁବନ ଭୋଇଙ୍କୁ ନାଟ୍ୟ ମହାରଥୀ, ରଣଜୀ କ୍ରିକେଟ ଖେଳାଳି ପ୍ରବୀଣ ଲୁହା, ଆର୍ଟ ଅଫ୍ ଲିଭିଂ ବରଗଡ଼ ଏବଂ ବିଶିଷ୍ଟ ଶିକ୍ଷାବିତ ଡଃ ଅମରେନ୍ଦ୍ର ନାଥ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ସ୍ୱର୍ଗତ ଆଶିଷ ଭୋଇଙ୍କ ସ୍ମୃତିରେ ଆୟୋଜିତ ରକ୍ତଦାନ ଶିବିରରୁ ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ୪୬ୟୁନିଟ୍ ରକ୍ତ ଓ ବୁର୍ଲା ରକ୍ତଭଣ୍ଡାର ଦ୍ୱାରା ୬୮ ୟୁନିଟ୍ ରକ୍ତ, ସର୍ବମୋଟ ୧୧୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । କାର୍ଯ୍ୟକ୍ରମ ଶେଷରେ କେଶରଞ୍ଜନ ପ୍ରଧାନଙ୍କ ପଦ୍ମପୁରର 'ଲୁ' ନାଟ୍ୟ ଅନୁଷ୍ଠାନ ତରଫରୁ ନାଟକ 'ଗାନ୍ଧୀ ଛକ୍' ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ନିଷ୍ଠାର ସଭାପତି ରକ୍ଷପାଳ ସାହୁ ସଭାପତିତ୍ୱ କରିଥିବା ବେଳେ ମଦନ ମୋହନ ଦାଶ ମଞ୍ଚ ପରିଚାଳନା, ସମ୍ପାଦକ ଲୋକନାଥ ସାହୁ ବାର୍ଷିକ ବିବରଣୀ ପାଠ ଓ ସତୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ନିଷ୍ଠାର ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ, ଦୁର୍ବାଦଳ ଷଡ଼ଙ୍ଗୀ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଜିତୁ ମହାପାତ୍ର, ଉପସଭାପତି ଆଶିଷ କର, କ୍ଷୀରୋଦ୍ର ସାହୁ, କୋଷାଧକ୍ଷ ଶ୍ୟାମସୁନ୍ଦର ସାହୁ, ଜୟନ୍ତ ପ୍ରଧାନ, ଚିତ୍ର ପ୍ରଧାନ, ବିଦ୍ୟାଧର ଭୋଇ, ମହିଳା ଶାଖାର ସଂଯୋଜିକା ତ୍ରିପୁରା ସୁହୁଲାଙ୍କ ସମେତ ସମସ୍ତ ସଦସ୍ୟ ସଦସ୍ୟା ପରିଚାଳନା କରିଥିଲେ ।

# ବିପିନ ବିହାରୀ ନନ୍ଦ ଅସୁସ୍ଥ



ସମ୍ବଲପୁର : ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପଶ୍ଚିମ ପ୍ରାନ୍ତର ମୁଖ୍ୟ ଅଧାପକ ବିପିନ ବିହାରୀ ନନ୍ଦ ଅସୁସ୍ଥ ହୋଇ ସ୍ଥାନୀୟ ଏକ ଘରୋଇ ନର୍ସିଂ ହୋମରେ ଭର୍ତ୍ତି ହୋଇଛନ୍ତି । ତାଙ୍କର ପ୍ରୋଷ୍ଟ୍ରେଟ୍ ଅସ୍ତ୍ରୋପଚାର ହୋଇଛି । ଡାକ୍ତର ରାଜୀବ ଆଚାର୍ଯ୍ୟ ଅସ୍ତ୍ରୋପଚାର କରି ଚିକିତ୍ସା କରୁଛନ୍ତି । ଶ୍ରୀ ନନ୍ଦଙ୍କ ଅସ୍ତ୍ରୋପଚାର ସଫଳ ହୋଇଥିବା ଏବଂ ଅବସ୍ଥା ଭଲ ଥିବା ଜଣାପଡିଛି ।

# ଏମ୍‌ସିଏଲ୍ ପକ୍ଷରୁ ରକ୍ତଦାତା ଦିବସ



ବୁର୍ଲା : ମହାନଦୀ କୋଇଲା କମ୍ପାନୀ ପକ୍ଷରୁ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ସମୁଦାୟ ୩୧୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । କମ୍ପାନୀ ମୁଖ୍ୟାଳୟରେ ଆୟୋଜିତ ଏହି ଶିବିରକୁ କାର୍ମିକ ନିର୍ଦ୍ଦେଶକ ଶ୍ରୀ କେଶବ ରାଓ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ସତର୍କତା ଅଧିକାରୀ ଶ୍ରୀ ପ୍ରଣବ କୁମାର ପଟେଲ ମଧ ଉପସ୍ଥିତ ଥିଲେ । ଏହି ଶିବିରରେ ୧୧୨ ୟୁନିଟ୍ ଓ ସେଣ୍ଟ ଜୋନ୍ସ ଆମ୍ବୁଲେନ୍ସର ଏମସିଏଲ୍ ଡିଭିଜନ ପକ୍ଷରୁ ତାଳଚେର କୋଲ୍ଡ ଫିଲ୍ଡର ଅନନ୍ତ ବିହାର କଲୋନୀର ଗ୍ରୀନ୍ ଭେଲି କ୍ଲବରେ ଆୟୋଜିତ ରକ୍ତଦାନ ଶିବିରରେ ୨୦୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

# ବେଲପାହାଡ଼ ମାରୱାଡ଼ି ଯୁବାମଞ୍ଚ ପକ୍ଷରୁ ରକ୍ତଦାନ ଶିବିର

ଝାରସୁଗୁଡ଼ା : ବେଲପାହାଡ଼ ମାରୱାଡ଼ି ଯୁବାମଞ୍ଚ ପକ୍ଷରୁ ରକ୍ତଦାନ ଶିବିରରେ ୧୦୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି । ସ୍ଥାନୀୟ ରାଣୀସତୀ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି ଶିବିରକୁ ବେଲପାହାଡ଼ ଥାନାଧିକାରୀ ଅମିତାଭ ପଣ୍ଡା ଉଦ୍‌ଘାଟନ କରିଥିଲେ । ଜିଲ୍ଲା ବ୍ଲଡ ବ୍ୟାଙ୍କ ଅଧିକାରୀ ଡକ୍ଟର ସିଲୱାନ୍ତି ଜୋଜୋ, ଦିଲୀପ



ବନଛୋର, ଭାବଗ୍ରାହୀ ବେହେରା, ଦୋଳଗୋବିନ୍ଦ ଛଛାଣ, ହିରଣ ସାହୁ, ଭବାନୀ ଶଙ୍କର ସୁନାନି ଓ ଉମେଶ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ସୁଶୀଲ ଅଗ୍ରୱାଲ, ରମେଶ ଧଉଲିଆ, ଶେଖର ଗୋଏଙ୍କା, ରାଜକୁମାର ଅଗ୍ରୱାଲ, ନେମିଚାନ୍ଦ ଜୈନ, ନରେଶ ଅଗ୍ରୱାଲ, ସତ୍ୟପ୍ରକାଶ ମହାନ୍ତି, ରମା ଭୋଳ ଓ ଶ୍ୟାମସୁନ୍ଦର ଶତପଥୀ ପ୍ରମୁଖ, ଟିଆରଏଲ୍ କ୍ରେସାକିର ବରିଷ୍ଠ ଅଧିକାରୀ ଡକ୍ଟର ସନ୍ତୋଷ ମିଶ୍ର, ଶାଶଙ୍କ ଦୀକ୍ଷିତ ଯୋଗ ଦେଇଥିଲେ । ଶିବିର ପରିଚାଳନାରେ ବେଲପାହାଡ ମାରୱାଡ଼ି ଯୁବ ମଞ୍ଚର ସଦସ୍ୟ ମୁକେଶ ଅଗ୍ରୱାଲ, ଭିବେକ ଅଗ୍ରୱାଲ, ବିକାଶ ଅଗ୍ରୱାଲ, ସୌରଭ ଝୁନଝୁନୱାଲା, ରୋହିତ ଚୋଖାନି, ଅଙ୍କିତ ଅଗ୍ରୱାଲ, ଅନମୋଲ ଅଗ୍ରୱାଲ, ହର୍ଷ ଅଗ୍ରୱାଲ, ସନ୍ଦୀପ ଅଗ୍ରୱାଲ, ବିକି ସିଙ୍ଘାନିଆ ଓ ବିପ୍ଳବ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ ।

# ଏମ୍‌ସିଏଲ୍ ପକ୍ଷରୁ ସ୍ୱଚ୍ଛତା ସପ୍ତାହ



ବୁର୍ଲା : ମହାନଦୀ କୋଇଲା କମ୍ପାନୀ ପକ୍ଷରୁ ସ୍ୱଚ୍ଛତା ସପ୍ତାହ ୨୦୨୩ ଆରମ୍ଭ ହୋଇଛି । ଏହି ଅବସରରେ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ବିବିଧ କାର୍ଯ୍ୟକ୍ରମ ହେବ । କମ୍ପାନୀ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓମ୍ ପ୍ରକାଶ ସିଂ ଯୋଗଦେଇ ମୁଖ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ସ୍ୱଚ୍ଛତା ବିଷୟରେ ସଚେତନ କରାଇବା ସହ ଶପଥ ପାଠ କରାଇଥିଲେ । ଉଦଘାଟନୀ ସମାରୋହରେ ବିତ୍ତ ନିର୍ଦ୍ଦେଶକ ଏ.କେ. ବେହୁରା, ଯୋଜନା ଓ ପରିଯୋଜନା ନିର୍ଦ୍ଦେଶକ ଏ.ଏସ୍. ବାପଟ ଉପସ୍ଥିତ ଥିଲେ ।

# କୃଷ୍ଣ କେଶବ ଷଡ଼ଙ୍ଗୀ ପାଇଲେ 'ଉତ୍କଳ ଶ୍ରୀ ସମ୍ମାନ'

ଭୁବନେଶ୍ୱର : ବିଶିଷ୍ଟ ଆଧାତ୍ମିକ ପ୍ରବକ୍ତା ତଥା ଗବେଷକ ଡାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ 'ଉତ୍କଳ ଶ୍ରୀ ସମ୍ମାନ'ରେ ସମ୍ମାନିତ ହୋଇଛନ୍ତି । ଜୟ ମାଁ ଭବାନୀ ଚେରିଟେବୁଲ ଟ୍ରଷ୍ଟ ଓ ଦିବ୍ୟ ଦିଗନ୍ତ ଅନୁଷ୍ଠାନ ତରଫରୁ ଟ୍ରଷ୍ଟର ଷଷ୍ଠ ବାର୍ଷିକୀ ଉତ୍ସବରେ ଡାକ୍ତର ଷଡ଼ଙ୍ଗୀଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର ସମ୍ପାଦକ ଡକ୍ଟର ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଡକ୍ଟର ଶ୍ୟାମାମଣି ଦେବୀ ମୁଖ୍ୟ ଅତିଥି, ଡକ୍ଟର ଶାନ୍ତନୁ ରଥ, ନିଳାଦ୍ରୀ ଶତପଥି ଓ ଶାଶ୍ୱତ ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ ।



# ବୁର୍ଲାରେ 'ଦର୍ପଣ'ର ତିନି ଦିନିଆ ରଜ ଉତ୍ସବ





ବୁର୍ଲା : ରାଜ୍ୟର ଅନ୍ୟତମ ଅଗ୍ରଣୀ ସାଂସ୍କୃତିକ ଯୁବ ଅନୁଷ୍ଠାନ 'ଦର୍ପଣ' ଆନୁକୂଲ୍ୟରେ ଏମସିଏଲ୍ ଆନନ୍ଦ ବିହାର ପରିସରରେ ତିନିଦିନ ଧରି ରଜ ଉତ୍ସବ ପାଳିତ ହୋଇଯାଇଛି । ଏମ୍‌ସିଏଲ୍ ଜାଗୃତି ମହିଳା ମଣ୍ଡଳର ଉପାଧ୍ୟକ୍ଷା ଶ୍ରୀମତୀ ରଶ୍ମୀ ବେଉରା ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜାଗୃତି ମହିଳା ମଣ୍ଡଳର ଶ୍ରୀମତୀ ଲଗ୍ନିକା ପଟ୍ଟନାୟକ, ଅନୁସୂୟା ତ୍ରିପାଠୀ, ସ୍ମିତା ତ୍ରିପାଠୀ, ମଧୁସ୍ମିତା ପୂଜାରୀ ଉପସ୍ଥିତ ଥିଲେ । ଦ୍ୱିତୀୟ ଦିବସରେ ଆନନ୍ଦ ବିହାର କଲୋନୀର କୁନି କୁନି ପିଲାମାନେ ଓଡ଼ିଆ ମଡର୍ଣ୍ଣ ଡ୍ୟାନ୍ସ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ତୃତୀୟ ଦିବସରେ ମହିଳାମାନଙ୍କର ପିଠା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଉଦ୍‌ଯାପନୀ ଦିବସରେ ମହିଳା ମଣ୍ଡଳର ସଦସ୍ୟା ଶ୍ରୀମତୀ ଏଲି ସାମଲ, ଜ୍ୟୋର୍ତିମୟୀ ଦାଶ, ଅନୁସୂୟା ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଲୋକପ୍ରିୟ ହାସ୍ୟ କବି ସୁଶାନ୍ତ ମିଶ୍ର ବ୍ୟଙ୍ଗ କବିତା ପରିବେଷଣ କରିଥିଲେ । ବିତ୍ତ ବିଭାଗର ଡିଜିଏମ୍ ଡି.କେ ମେହେରା ଏବଂ ଜନସମ୍ପର୍କ ଅଧିକାରୀ ନଳିନୀ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଉପଦେଷ୍ଟା ଚିତ୍ତ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।





Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra